ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୯ ଅଗଷ୍ଟ, ୨୦୨୧

## କରୋନା ସ୍ଥିତି ସମୀକ୍ଷା କଲେ ବିଇଓ

ବାଙ୍କୀ,(ସ୍ୱ.ପ୍ର.): ବାଙ୍କୀ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ସନ୍ତୋଷ କୁମାର ସେଠୀ ବ୍ଲକର ୨୪ଟି ଉଚ୍ଚ ବିଦ୍ୟାଳୟ ଜୁଲାଇ ୨୭ରୁ ଏପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ପରିଦର୍ଶନ କରିବା ସହ ସ୍କୁଲରେ ଶିକ୍ଷାଦାନ ଓ କରୋନା ପ୍ରତିଷେଧକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହା ସହ ୧୦ମ ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ରମାନେ କିପରି ଅଧିକ ସଂଖ୍ୟାରେ ଉନ୍ନୀତ ହେବେ ଏବଂ ଜିଲାପାଳଙ୍କ ଜିରୋ-ଏଫ୍ କାର୍ଯ୍ୟକ୍ରମକୁ ସଫଳ କରିବାକୁ ସେଠୀ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍‌ଲାଇନ୍ ଓ ଅଫଲାଇନରେ ଛାତ୍ରୀଛାତ୍ରମାନଙ୍କୁ କିପରି ଶିକ୍ଷାଦାନ ଦିଆଯାଉଛି ସେ ସମ୍ପର୍କରେ ସେଠୀ ସମୀକ୍ଷା କରିଥିଲେ।



## ସଂକ୍ଷେପରେ

### ଶୈଳବାଳା କଲେଜରେ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ

କଟକ ଅଫିସ,୧୮।୮: କଟକ ଶୈଳବାଳା ମହିଳା ସ୍ୱୟଂଶାସିତ କଲେଜରେ ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷା ସୁରେଖା ସୁନ୍ଦରୀ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବେ ନେହେରୁ ଯୁବ କେନ୍ଦ୍ର ପୂର୍ବାଞ୍ଚଳ ମଣ୍ଡଳର ଆଞ୍ଚଳିକ ନିର୍ଦ୍ଦେଶକ ନବୀନ କୁମାର ନାୟକ, ସମ୍ମାନିତ ଅତିଥି ଭାବେ କେନ୍ଦ୍ରର ଉପନିର୍ଦ୍ଦେଶକ ଅଶୋକ ଦାଶ, ପ୍ରବୀଣ କୁମାର ପ୍ରଧାନ, ଜାତୀୟ ସେବା ସଂସ୍ଥାର ସଂଯୋଜକ ଚୈତନ୍ୟ ବ୍ରହ୍ମା ଯୋଗଦେଇଥିଲେ। ୧ ସପ୍ତାହ ବ୍ୟାପୀ ଆୟୋଜିତ ଏହି ଶିବିରରେ ବୃକ୍ଷରୋପଣ, କଲେଜ ପରିସର ସଫେଇ, ବିଭିନ୍ନ ସନ୍ଦର୍ଭ ଉପସ୍ଥାପନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ କଲେଜର ୭୫ ଜଣ ଶିବିରାର୍ଥୀ ଅଂଶଗ୍ରହଣ କରିଥିଲେ। ପ୍ରୋଗ୍ରାମ ଅଫିସର ଶିବାନୀ ଦାଶ ଧନ୍ୟବାଦ ଦେଇଥିଲେ।

### କୋଭିଡ୍ ଟିକାକରଣରେ ଉର୍ମିଳା

କଟକ ଅଫିସ,୧୮।୮: କୋଭିଡ୍ ଟିକାକରଣକୁ ବ୍ୟାପକ କରିବା ନିମନ୍ତେ ରାଜ୍ୟ ସରକାର ଘରୋଇ ହସ୍ପିଟାଲଗୁଡ଼ିକୁ ଦାୟିତ୍ୱ ପ୍ରଦାନ କରିଛନ୍ତି। ନର୍ସିଂହୋମ୍‌ଗୁଡ଼ିକ ବଜାରରୁ ଟିକା କିଣି ଲୋକଙ୍କୁ ପ୍ରଦାନ କରୁଛନ୍ତି। ସହରର ୫ଟି ନର୍ସିଂହୋମ୍ ଏହି ଅଭିଯାନରେ ସାମିଲ ହୋଇଛନ୍ତି। ଏହିକ୍ରମରେ ମଙ୍ଗଳାବାଗସ୍ଥିତ ଉର୍ମିଳା ନର୍ସିଂହୋମ୍ ଜୁଲାଇ ୧୮ରୁ ଟିକା ଦେବା ଆରମ୍ଭ କରି ୨୨ଦିନରେ ୧୧୦୦ ଡୋଜ୍ ଟିକା ପ୍ରଦାନ କରିଛି। ଗତ ୧୪ତାରିଖରେ ସର୍ବାଧିକ ୧୦୨ ଡୋଜ୍ ଦେଇଛି। ଟିକା ନେବାପରେ ଲୋକମାନେ ପ୍ରାୟତଃ ମୋବାଇଲ କିମ୍ବା କମ୍ପ୍ୟୁଟରରେ ସାର୍ଟିଫିକେଟ ଡାଉନ୍‌ଲୋଡ କରିପାରୁ ନାହାନ୍ତି। ତେଣୁ ଏହି ନର୍ସିଂହୋମରେ ୨ୟ ଡୋଜ୍ ଟିକାନେବା ପରେ ତୁରନ୍ତ ସେମାନଙ୍କୁ ସାର୍ଟିଫିକେଟ ଦେବାର ବ୍ୟବସ୍ଥା କରାଯାଇଛି। ସରକାର ଜନସାଧାରଣଙ୍କ ପାଇଁ ଗୋଟିଏ ଡୋଜ୍ ଟିକା ୮ଶହ ଟଙ୍କା ପରିବର୍ତ୍ତେ କିଛି ମାତ୍ରାରେ ମୂଲ୍ୟ କମାଇ ପାରିଲେ ଲୋକମାନେ ଉପକୃତ ହେବେ ବୋଲି ଉର୍ମିଳା ନର୍ସିଂହୋମ ଅଧକ୍ଷ ଅଭୟ ଦାସ କହିଛନ୍ତି।

### ଜାଇକା ପ୍ରକଳ୍ପ ଶୁଭାରମ୍ଭ

କଟକ ଅଫିସ, ୧୮।୮: କଟକ ମହାନଗର ନିଗମ(ସିଏମ୍‌ସି)ର ୮ନଂ. ୱାର୍ଡ ଅନ୍ତର୍ଗତ ଚହଟାନଗର ଅଞ୍ଚଳରେ ଜାଇକା ପ୍ରକଳ୍ପ ବୁଧବାର ଶୁଭାରମ୍ଭ ହୋଇଛି। ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜାଇକାର ଅଧିକାରୀ ପି.କେ. ଓଝା, କଟକ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା, ୱାର୍ଡ କଂଗ୍ରେସ ନେତା ଅଜିତ୍ ବେହେରା, ଏସ୍.କେ. ରଥ, ଅଶୋକ ନାୟକ, ରଞ୍ଜିତ ନାୟକ, ମହମ୍ମଦ ଅଲିମ୍, ସତ୍ୟବ୍ରତ ରାଉତ, ରବି ମହାନ୍ତି ଓ ଜିତୁ ମହାନ୍ତି ଉପସ୍ଥିତ ଥିଲେ।

### ତୁଷାରକାନ୍ତଙ୍କ ହତ୍ୟାକାରୀଙ୍କୁ ଗିରଫ ଦାବିରେ ମହମବତି ଶୋଭାଯାତ୍ରା

କଟକ ଅଫିସ, ୧୮।୮: ଖ୍ରୀଷ୍ଟ କଲେଜର ଯୁକ୍ତ ୨ ଛାତ୍ର ତୁଷାରକାନ୍ତ ସାହୁଙ୍କ ମୃତ୍ୟୁ ପଛରେ ଥିବା ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରିବା ପାଇଁ ହିନ୍ଦୁସେନା ଛାତ୍ର ସଙ୍ଗଠନ କଟକ ଜିଲା ପକ୍ଷରୁ ଦାବି କରାଯାଇଛି। ଏ ନେଇ ସଙ୍ଗଠନ ରାଜ୍ୟ ସଭାପତି ଦେବାଶିଷ ରାଉତଙ୍କ ନେତୃତ୍ୱରେ କଟକ ବାରବାଟୀ ଷ୍ଟାଡିୟମ ନିକଟରୁ ମହମବତି ଶୋଭାଯାତ୍ରା ବାହାରି କଟକ ଚଣ୍ଡୀମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ସଙ୍ଗଠନ ପକ୍ଷରୁ ଆଶିଷ ମହାପାତ୍ର, ସୁଜିତ ଦାସ, ଦୀପ୍ତି ରଞ୍ଜନ ସ୍ୱାଇଁ, ପୁନମ ସାହୁ, ତୋଫାନ ପଣ୍ଡା, ଜ୍ୟୋତି ପ୍ରକାଶ ସାହୁ, ଅରୁଣ ସାମଲ, ଶୁଭମ ନାୟକ, ସନ୍ତୋଷ ସାହୁ, ସାହିଲ ସିଂହଙ୍କ ସହ ଶତାଧିକ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

### ଦୁର୍ଘଟଣାରେ ବାପା-ପୁଅ ଗୁରୁତର, ଉତ୍ତେଜନା

କଟକ ଅଫିସ,୧୮।୮: କଟକ ଶିଖରପୁର ଛକରେ ବୁଧବାର ଦୁର୍ଘଟଣାରେ ବାପପୁଅ ଆହତ ହୋଇଛନ୍ତି। ସେ ହେଲେ ଜଗତ୍‌ସିଂହପୁର ସାତବାଟିଆ ଅଞ୍ଚଳର ଗଣ୍ଡୁ ସାହୁ(୪୦)। ତାଙ୍କ ପୁଅଙ୍କ ପରିଚୟ ମିଳିପାରିନାହିଁ। ଗଣ୍ଡୁ ଓ ତାଙ୍କ ପୁଅ ଏକ ସ୍କୁଟିରେ ଶିଖରପୁର ଛକ ଦେଇ ଯାଉଥିବାବେଳେ ଦ୍ରୁତଗାମୀ ଟ୍ରକ ସେମାନଙ୍କୁ ଧକ୍କା ଦେଇଥିଲା। ଏଥିରେ ଉଭୟ ଆହତ ହୋଇଥିଲେ। ଦୁର୍ଘଟଣା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ଚାଉଳିଆଗଞ୍ଜ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ପରେ ପୋଲିସ ଉଭୟଙ୍କୁ ଏସ୍‌ସିବି ମେଡିକାଲ ପଠାଇଥିଲା। ଗଣ୍ଡୁଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି।

# ମହାପ୍ରଭୁଙ୍କ ପାଇଁ ତିଆରି ଚାଲିଛି ରାଖୀ

ପୁରୀ ଅଫିସ, ୧୮।୮



ଭଉଣୀ ଭାଇର ପବିତ୍ର ସମ୍ପର୍କର ପର୍ବ ହେଉଛି ରକ୍ଷାବନ୍ଧନ। ରାଖୀ ପୂର୍ଣ୍ଣିମାରେ ଭଉଣୀ ଭାଇ ହାତରେ ରାଖୀ ବାନ୍ଧି ତା'ର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଶୁଭ ମନାସି ଥାଏ। ପ୍ରତିବଦଳରେ ଭାଇ ତା'ର ଭଉଣୀକୁ ଜନ୍ମ ଜନ୍ମ ପାଇଁ ସୁରକ୍ଷା ଦେବାର ସଂକଳ୍ପ ନେଇଥାଏ। ଶ୍ରାବଣ ମାସର ପୂର୍ଣ୍ଣିମା ଦିନ ଏହି ପବିତ୍ର ପର୍ବ ପାଳନ କରାଯାଏ। ଆସନ୍ତା ୨୨ତାରିଖରେ ରାଖୀପୂର୍ଣ୍ଣିମା। ଶ୍ରୀମନ୍ଦିରରେ ଏହି ପର୍ବ ପାଳନ ହେବ। ମହାପ୍ରଭୁଙ୍କ ମାନବୀୟ ଲୀଳା ମଧ୍ୟରେ ରକ୍ଷାବନ୍ଧନ ପର୍ବ ଅନନ୍ୟ। ଶ୍ରୀମନ୍ଦିର ରୀତିନୀତି ଅନୁଯାୟୀ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଡ଼ଠାକୁର ପ୍ରଭୁ ବଳଭଦ୍ର ଭଉଣୀ ସୁଭଦ୍ରାଙ୍କ ହାତରୁ ରାଖୀ ପିନ୍ଧିବେ। ଏଥିପାଇଁ ପାଟରା ବିଶୋଇ ସେବକମାନେ ରାଖୀ ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି।

ଶ୍ରୀମନ୍ଦିରରେ ବାରମାସରେ ତେର ପର୍ବ ପାଳନ ହୋଇଥାଏ। ସେଥିମଧ୍ୟରୁ ଗହ୍ମାପୂର୍ଣ୍ଣିମା ବା ରାକ୍ଷୀ ପୂର୍ଣ୍ଣିମା ଅନ୍ୟତମ। ଏହିଦିନ ଶ୍ରୀମନ୍ଦିରରେ ବିଶେଷ ନୀତି ହୋଇଥାଏ। ବଡଠାକୁର ବଳଭଦ୍ରଙ୍କ ଜନ୍ମ ସହ ରାଖୀ ପୂର୍ଣ୍ଣିମା ନୀତି ପାଳନ କରାଯାଏ। ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଡଠାକୁର ବଳଭଦ୍ର ୨ଟି ଲେଖାଏ ରାଖୀ ଓ ୨ଟି ଲେଖାଏ ଗୁଆମାଳ ପରିଧାନ କରିଥାନ୍ତି। ପାଟରା ବିଶୋଇ ସେବକ ବାସୁଙ୍ଗା ପାଟରେ ରାଖୀ ଓ ଗୁଆମାନ ପ୍ରସ୍ତୁତ କରିଥାନ୍ତି। ପ୍ରଥମେ ବାସୁଙ୍ଗା ପାଟକୁ ୪ ପ୍ରକାର ରଙ୍ଗ ଯଥା ନାଲି, ନେଳି, ବାଇଗଣି ଓ ହଳଦିଆ ରଙ୍ଗ କରାଯାଏ। ଏହାକୁ ପାନିଆ ସାହାଯ୍ୟରେ ସୂତା ଭଳି କରାଯାଏ। ସୂତା ଓ ଛୁଞ୍ଚି ଦ୍ୱାରା ଚାରି ରଙ୍ଗର ବାସୁଙ୍ଗା ପାଟରେ ରାଖୀ ଏବଂ ଗୁଆମାଳ ପ୍ରସ୍ତୁତ କରାଯାଇଥାଏ। ଏହି ୪ଟି ରଙ୍ଗର ପାଟରେ ରାଖୀଗୁଡ଼ିକ ଚାରି ପରସ୍ତ ହୋଇ ତିଆରି ହୋଇଥାଏ। ଦୁଇ ଠାକୁର ଦୁଇ ହାତରେ ଦୁଇଟି ଲେଖାଏ ରାଖୀ ପରିଧାନ କରିଥାନ୍ତି। ସେହିପରି ମହାପ୍ରଭୁ ଶ୍ରୀଜଗନ୍ନାଥ ହଳଦିଆ ଓ ନାଲି ରଙ୍ଗର ଗୁଆମାଳ ଏବଂ ବଳଭଦ୍ର ବାଇଗଣି ଓ

**କାମରେ ଲାଗିଛନ୍ତି ପାଟରା ବିଶୋଇ ସେବକ**

ନୀଳ ରଙ୍ଗର ଗୁଆମାଳ ପରିଧାନ କରନ୍ତି। ୫୪ଟି ଗୁଆରେ ଗୋଟିଏ ଲେଖାଏ ମାଳ ପ୍ରସ୍ତୁତ କରାଯାଏ। ପାଟରା ବିଶୋଇ ଜଗନ୍ନାଥ ପାତ୍ର କହିଛନ୍ତି, ରାଖୀ ପୂର୍ଣ୍ଣମୀର ୧୦-୧୨ଦିନ ପୂର୍ବରୁ ମହାପ୍ରଭୁଙ୍କ ଲାଗି ରାଖୀ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ଏଥିଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବାସୁଙ୍ଗା ପାଟ ଯୋଗାଇ ଦିଆଯାଏ। ଶ୍ରୀଜଗନ୍ନାଥ ଓ ବଳଭଦ୍ରଙ୍କ ନିମନ୍ତେ ୪ଟି ରାଖୀ ଏବଂ ପାର୍ଶ୍ୱ ଦେବତାଙ୍କ ପାଇଁ ୧୦ଟି ଛୋଟ ରାଖୀ ତିଆରି କରାଯାଇଥାଏ। ରାଖୀ ନିର୍ମାଣ ପାଇଁ ୧୦ରୁ ୧୨ ଦିନ ସମୟ ଲାଗେ। ଶୁଦ୍ଧପୂତ ଭାବେ ରହି ନିଷ୍ଠାର ସହ ରାଖୀ ତିଆରି କରିବାକୁ ପଡ଼େ। ରାଖୀ ପୂର୍ଣ୍ଣିମା ପୂର୍ବ ଦିନ ରାଖୀ ତିଆରି ସରିଥାଏ। ଗହ୍ମା ପୂର୍ଣ୍ଣିମା ସକାଳେ ଶ୍ରୀମନ୍ଦିରରୁ ଚର୍ଚ୍ଚା ଆସି ଡାକିଥାନ୍ତି। ଏହାପରେ ଦୁଇଟି ତାଡ଼ରେ ରାଖୀ ଓ ଗୁଆମାଳ ଶ୍ରୀମନ୍ଦିରକୁ ଯାଇଥାଏ।

# ଆଜି କଟକରେ ଟିକାକରଣ ବନ୍ଦ

କଟକ ଅଫିସ,୧୮।୮

ଟିକା ଅଭାବରୁ ଗୁରୁବାର ସହରରେ ଟିକାକରଣ ବନ୍ଦ ରହିବ। ଏ ନେଇ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଟୁଇଟ୍ ମାଧ୍ୟମରେ ସୂଚନା ଦିଆଯାଇଛି। ତେବେ କେବଳ ବିଦେଶ ଯାତ୍ରା କରୁଥିବା ଲୋକଙ୍କୁ ଟିକା ପ୍ରଦାନ କରାଯିବ। ଚାଉଳିଆଗଞ୍ଜ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସକାଳ ୯ରୁ ଅପରାହ୍ନ ୧ ପର୍ଯ୍ୟନ୍ତ ଦ୍ୱିତୀୟ ଡୋଜ୍ ପ୍ରଦାନ କରାଯିବ। ଏଥିସହ ବରିଷ୍ଠ ନାଗରିକ ଏବଂ ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ୱତନ୍ତ୍ର ଟିକାକରଣ ବ୍ୟବସ୍ଥା ଜାରି ରହିବ। ଏଥିରେ ଡ୍ରାଇଭ ଇନ୍ ଏବଂ ପିକ୍ ଅପ-ଡ୍ରପ ବ୍ୟବସ୍ଥା ରହିଛି। ଏଥିପାଇଁ ୯୭୭୭୦୬୭୨୯୭ ନମ୍ବରେ ଯୋଗାଯୋଗ କରି ପଞ୍ଜିକରଣ କରିବାକୁ ପଡିବ। ଏହି ବ୍ୟବସ୍ଥା ସୋମବାରରୁ ଶୁକ୍ରବାର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଉପଲବ୍ଧ ହେବ। ସେହିଭଳି ଜିଲା କୋଭିଡ ନୋଡାଲ ଅଫିସର ଉମେଶ ରାୟ ଦେଇଥିବା ସୂଚନା ଅନୁଯାୟୀ ଗୁରୁବାର ଟିକା ଆସିବାରା ସମ୍ଭାବନା ରହିଛି। ଯଦି ଟିକା ଆସିଯାଏ ତେବେ ଶୁକ୍ରବାରଠାରୁ ଟିକାକରଣ ଆରମ୍ଭ ହେବ ବୋଲି ସେ କହିଛନ୍ତି।

# ମଦ ଦୋକାନ ଉଚ୍ଛେଦ ଦାବିରେ ଗଣ ଧାରଣା



ଇଦ୍‌ଘା କଲୋନୀରେ ବସ୍ତିବାସିନ୍ଦାଙ୍କ ପକ୍ଷରୁ ଗଣଧାରଣା।

କଟକ ଅଫିସ, ୧୮।୮

ବିଦେଶୀ ମଦ ଦୋକାନ ଉଚ୍ଛେଦ ଦାବିରେ ସତୀଚଉରା-ଇଦ୍‌ଘା କଲୋନୀ ବସ୍ତିବାସିନ୍ଦାଙ୍କ ପକ୍ଷରୁ ବୁଧବାର ସ୍ଥାନୀୟ ଇଦ୍‌ଘା କଲୋନୀରେ ଗଣଧାରଣା ଦିଆଯାଇଥିଲା। ଏଥିସହ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ଦିଆଯାଇଥିଲା। କଟକ ମହାନଗର ନିଗମର ୭ନଂ. ୱାର୍ଡ କଂଗ୍ରେସ ସଭାପତି ଦିଲୀପ ମହାନ୍ତି ଏହାର ନେତୃତ୍ୱ ନେଇ କହିଥିଲେ, ଜନବସତି ନିକଟରେ ମଦ ଦୋକାନ ଖୋଲିବାକୁ ଦିଆଯିବନାହିଁ। ଯଦି ଏଥିପ୍ରତି ପଦକ୍ଷେପ ନିଆ ନ ଯାଏ ତେବେ ଆଗାମୀ ଦିନରେ ଗଣ ଆନ୍ଦୋଳନ କରାଯିବ। ଅନ୍ୟମାନଙ୍କ ମଧ୍ୟରେ କଟକ ନଗର ଜିଲା କଂଗ୍ରେସ ସଭାପତି ଗିରିବାଳା ବେହେରା, ବିକି ଚକ୍ରବର୍ତ୍ତୀ, ଅନିଶମା ଖାନ୍, ରେସ୍‌ମା ବେଗମ, ନିଗାର ବେଗମ, ସନ୍ତୋଷ ପାତ୍ର, ସେକ୍ ଜିଆଉଦ୍ଦୀନ, ଗୌରୀ ସାହୁ, ଶାନ୍ତିଲତା ମହାପାତ୍ର, ମହମ୍ମଦ ଅବ୍‌ଦୁଲ ସାହେଜାଦ ପ୍ରମୁଖ ଗଣଧାରଣାରେ ସାମିଲ ହୋଇଥିଲେ।

# ଅଫ୍‌ଲାଇନ ପରୀକ୍ଷା ବିରୋଧରେ ଧାରଣା



ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି।

କଟକ ଅଫିସ,୧୮।୮

**ରେଭେନ୍‌ଶା ବିଶ୍ୱବିଦ୍ୟାଳୟ**

ଚଳିତବର୍ଷ ହେବାକୁ ଥିବା ୟୁଜି, ପିଜି ୩ୟ ସେମିଷ୍ଟର ଅଫ୍‌ଲାଇନ୍ ପରୀକ୍ଷାକୁ ବିରୋଧ କରି ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ରମାନେ ଧାରଣା ଦେଇଥିଲେ। ପରେ ସେମାନେ କୁଳପତିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କରୋନା ମହାମାରୀକୁ ଦୃଷ୍ଟିରେ ରଖି ୟୁଜି ଓ ପିଜିର ତୃତୀୟ ସେମିଷ୍ଟର ପରୀକ୍ଷା ଅଫ୍‌ଲାଇନ୍ ବଦଳରେ ଅନ୍‌ଲାଇନ୍‌ରେ କରାଯାଉ, ୪ର୍ଥ ସେମିଷ୍ଟର ସିଲାବସ୍‌ରୁ ୫୦ ପ୍ରତିଶତ ପାଠ୍ୟକ୍ରମ ହ୍ରାସ କରାଯିବା ଓ ଅନ୍‌ଲାଇନ୍ କ୍ଲାସ ପାଇଁ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି।

# ଲାଞ୍ଚ ନେଇ କନିଷ୍ଠ କିରାଣି ଗିରଫ

କଟକ ଅଫିସ,୧୮।୮

ଲାଞ୍ଚ ନେବା ଅଭିଯୋଗରେ କଟକ କଲ୍ୟାଣୀନଗରସ୍ଥିତ କୁସୁମଦେବୀ ସତ୍‌ସଙ୍ଗ ମହିଳା କଲେଜର କନିଷ୍ଠ କିରାଣି ଜ୍ୟୋତ୍ସ୍ନା ପରିଡାଙ୍କୁ ଭିଜିଲାନ୍ସ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ମିଳିଥିବା ସୂଚନା ମୁତାବକ, ଅଭିଯୋଗକାରୀ ରାଧାରାଣୀ ସାହୁଙ୍କ ସ୍ୱାମୀ ପୂର୍ବରୁ ଏହି କଲେଜରେ ପ୍ରାଧ୍ୟାପକ ଭାବେ କାର୍ଯ୍ୟ କରୁଥିଲେ। ଅବସରପରେ ତାଙ୍କର ବକେୟା ପ୍ରାପ୍ୟ ପାଇବାର ଥିଲା। ଏଥିପାଇଁ ପ୍ରାଧ୍ୟାପକ ଜଣକ କଲେଜକୁ ବାରମ୍ବାର ଆସିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଏଥିପାଇଁ ରାଧାରାଣୀଙ୍କୁ ଜ୍ୟୋତ୍ସ୍ନା ୯ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ସେ କଟକ ଭିଜିଲାନ୍ସ ଡିଭିଜନ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ପରେ ଯୋଜନା ମୁତାବକ ବୁଧବାର ରାଧାରାଣୀଙ୍କଠାରୁ ଜ୍ୟୋତ୍ସ୍ନା ଲାଞ୍ଚ ଟଙ୍କା ଗ୍ରହଣ କରୁଥିବାବେଳେ ଭିଜିଲାନ୍ସ ଟିମ୍ କାବୁ କରିଥିଲା। ଲାଞ୍ଚ ଟଙ୍କା ଜବତ କରିବା ସହ ଏକ ମାମଲା(ନଂ. ୧୩/୨୧) ରୁଜୁ କରିଛି। ଏଥିସହ ଜ୍ୟୋତ୍ସ୍ନାଙ୍କ କଟକସ୍ଥିତ କାର୍ଯ୍ୟାଳୟ ଓ ବାସଭବନରେ ଚଢାଉ କରିଛି।

# ଗାଡ଼ି ଧକ୍କାରେ ଯୁବକ ମୃତ: ରାସ୍ତାରୋକୋ

ଖୁଣ୍ଟୁଣୀ,୧୮।୮(ଡି.ଏନ.ଏ.)

୫୫ ନଂ. ଜାତୀୟ ରାଜପଥର କପୁରସିଂହ ହନୁମାନ ମନ୍ଦିର ସମ୍ମୁଖରେ ବୁଧବାର ଏକ ଗାଡ଼ି ଧକାରେ ବିଜୟ ମୁଣ୍ଡ ନାମକ ଯୁବକଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ୟକ୍ତ ଲୋକମାନେ କିଛି ସମୟ ପାଇଁ ରାସ୍ତାରୋକୋ କରିଥିଲେ। ଗୁରୁଡିଝାଟିଆ ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ରାତି ପ୍ରାୟ ୧୧ଟାରେ ବିଜୟ ରାସ୍ତା ପାର ହେଉଥିବାବେଳେ କଟକ ପଟୁ ଦ୍ରୁତ ଗତିରେ ଆସୁଥିବା ଗାଡି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସୂଚନାଯୋଗ୍ୟ, ବିଜୟଙ୍କ ଘର ମୟୂରଭଞ୍ଜ ଅଞ୍ଚଳରେ ହୋଇଥିବାବେଳେ ସେ କପୁରସିଂହ ଗ୍ରାମରେ ପ୍ରାୟ ୧୦ ବର୍ଷ ହେବ ରହୁଥିଲେ।

# ହୋଟେଲ ଶିଳ୍ପ ପୁନରୁଦ୍ଧାର ପାଇଁ ସରକାର ଦୃଷ୍ଟି ଦିଅନ୍ତୁ

କଟକ ଅଫିସ, ୧୮।୮

ଡ୍ରିମ୍‌ସ ସ୍କୁଲ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ ପକ୍ଷରୁ ବୁଧବାର 'ଦି ସ୍ପିରିଟ୍ ଅଫ୍ କମ୍ୟୁନିକେଶନ୍ ଇନ୍ କ୍ୱାଲିଟି ଲାବ୍ ଅଫ ହୋଟେଲ' ଶୀର୍ଷକ ଜାତୀୟ ୱେବିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ଉଦ୍ୟୋଗପତି ପ୍ରଫେସର ଉଲ୍ଲାସ ପ୍ରଧାନ ଯୋଗଦେଇ କହିଥିଲେ, କରୋନା ମହାମାରୀ ଯୋଗୁ ହୋଟେଲ ଶିଳ୍ପ ପ୍ରଭାବିତ ହୋଇଛି। ତେଣୁ ଏହି ଶିଳ୍ପର ପୁନରୁଦ୍ଧାର ଲାଗି ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବା ଜରୁରୀ ବୋଲି ସେ କହିଥିଲେ। ଏଥିରେ ସମ୍ମାନିତ ବକ୍ତା ଭାବେ ପ୍ରାଧ୍ୟାପିକା ଅତନୁ ସେନାପତି ଓ ପ୍ରାଧ୍ୟାପକ ଆହୁଶ କୁମାର ଜେନା ଯୋଗଦେଇଥିଲେ। ଶିକ୍ଷାନୁଷ୍ଠାନର ଅଧକ୍ଷ ଆଶିଷ କୁମାର ସ୍ୱାଇଁ ଅଧକ୍ଷତା କରିଥିବାବେଳେ ଅଧ୍ୟାପକ ଉତ୍କଳ କେଶରୀ ଜେନା, ସ୍ମୃତିରଞ୍ଜନ ସେନାପତି, ମୟୁଖ ଚୌଧୁରୀ ଓ ଅଧ୍ୟାପିକା ପ୍ରିୟଙ୍କା ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଓଡ଼ିଆ ବାଣୀଭଣ୍ଡାରକୁ କୃଷ୍ଣପ୍ରସାଦଙ୍କ ଅବଦାନ ଅତୁଳନୀୟ

କଟକ ଅଫିସ, ୧୮।୮

ଓଡ଼ିଆ ବାଣୀଭଣ୍ଡାରକୁ କବି ମଞ୍ଜୁଳ କୃଷ୍ଣପ୍ରସାଦ ବସୁଙ୍କ ଦାନ ଅବିସ୍ମରଣୀୟ। ଉତ୍କଳ ସମ୍ମିଳନୀ ପକ୍ଷରୁ କବି ବସୁଙ୍କ ଶ୍ରାଦ୍ଧବାର୍ଷିକୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ. ନିମାଇଁ ପରିଜା ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। ଅନ୍‌ଲାଇନ ମାଧ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଡା. ରବି ରଞ୍ଜନ ସାହୁ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ଶ୍ୟାମସୁନ୍ଦର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନରସିଂହ ମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ମାଧବ ମିଶ୍ର ଧନ୍ୟବାଦ ଦେଇଥିଲେ।

# ରୋଗୀ କଲ୍ୟାଣ ସମିତି ବୈଠକ

ବାଙ୍କୀ,୧୮।୮(ସ୍ୱ.ପ୍ର.)

ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟର ରୋଗୀ କଲ୍ୟାଣ ସମିତି ବୈଠକ ବୁଧବାର ଉପଜିଲାପାଳ ରଞ୍ଜନ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଚିକିତ୍ସାଳୟର ଅଧୀକ୍ଷକ ଡା. ମୃତ୍ୟୁଞ୍ଜୟ ମହାପାତ୍ର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଚିକିତ୍ସାଳୟର ଜାଗା ଚିହ୍ନଟ ସହ ଜବରଦଖଲ ଉଚ୍ଛେଦ, ଉପଖଣ୍ଡ ଚିକିତ୍ସାଳୟ ଓ ଉପକାରାଗାର ମଧ୍ୟସ୍ଥଳରେ ଥିବା ଜଳାଶୟ ଅଞ୍ଚଳକୁ ଚିହ୍ନଟ, ମୃତଦେହ ବ୍ୟବଚ୍ଛେଦ ଗୃହର ମରାମତି ସହ ଆଧୁନିକୀକରଣ, ମୃତଦେହ ବ୍ୟବଚ୍ଛେଦ ଗୃହ ସଂଲଗ୍ନ ଅନ୍ୟ ଏକ ନୂତନ ଗୃହ ନିର୍ମାଣ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି। ଚିକିତ୍ସାଳୟ ପଛପଟେ ଗାର୍ଡୱାଲ ନିର୍ମାଣ, ଚିକିତ୍ସାଳୟ ପରିସରରେ ଥିବା ବିପଦସଙ୍କୁଳ ଗୃହକୁ ଭାଙ୍ଗିବା ପାଇଁ ଆଲୋଚନା ହୋଇଥିଲା। କୋଭିଡ୍ ପରୀକ୍ଷାଗାର ସମ୍ମୁଖରେ ଏକ ସ୍ଥାୟୀ ସେଡ୍ ନିର୍ମାଣ, ମୃତଦେହ ରଖିବାକୁ ବଡ଼ ଫ୍ରିଜର କିଣାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ଅନୁଦାନରେ ପ୍ରଦାନ କରାଯାଇଥିବା ମୃତଦେହ ବୁହା ଗାଡ଼ିରେ ସ୍ଥାୟୀ ଡ୍ରାଇଭର ନିଯୁକ୍ତି, ଚିକିତ୍ସାଳୟ ପରିସରରେ ଥିବା ସମସ୍ତ ପୁରୁଣା କ୍ୱାର୍ଟର୍ସର ମରାମତି ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିରେ ସ୍ତ୍ରୀରୋଗ ବିଶେଷଜ୍ଞ ଡା. ଧ୍ରୁଳେଶ୍ୱର ପ୍ରଧାନ, ରୋଗୀ କଲ୍ୟାଣ ସମିତି ସଭ୍ୟ ସମରେନ୍ଦ୍ର ମହାପାତ୍ର, ସଞ୍ଜୟ କୁମାର ପ୍ରଧାନ, ବିଜୟ କୁମାର ରାଜ, ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ବିନୟ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଚିକିତ୍ସାଳୟର ମ୍ୟାନେଜର ଶଶିକାନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ଜିଲାରେ ୪୩୩.୬ କି.ମି. ସଂଯୋଗୀକରଣ ରାସ୍ତା ନିର୍ମାଣ ହେବ

କଟକ ଅଫିସ,୧୮।୮




ଆଲୋଚନାଚକ୍ରରେ ମଞ୍ଚାସୀନ ମନ୍ତ୍ରୀ, ଜିଲାପାଳଙ୍କ ସହ ଅନ୍ୟମାନେ।

ଆଜାଦୀକ ଅମୃତ ମହୋତ୍ସବ ପାଳନ ଉପଲକ୍ଷେ ଜିଲାସ୍ତରୀୟ ଗ୍ରାମ୍ୟ ସଡ଼କ ସଂଯୋଗୀକରଣ ଆଲୋଚନାଚକ୍ର କଟକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖାଦ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ସ୍ୱାଧୀନତା ପୂର୍ବରୁ ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ଗ୍ରାମ୍ୟ ଉନ୍ନୟନ ଓ ସଂଯୋଗୀକରଣ ତଥା ଭିତ୍ତିଭୂମି ଉନ୍ନତିର ଚିନ୍ତାଧାରା ସମ୍ପର୍କରେ କହିଥିଲେ। ଗ୍ରାମୀଣ ଭିତ୍ତିଭୂମିରେ ଉନ୍ନତି ଆଣିବାକୁ ହେଲେ ଯୋଗାଯୋଗ ଏକ ବଳିଷ୍ଠ ମାଧ୍ୟମ ବୋଲି ସେ କହିଥିଲେ। ଏଥିରେ ଏମ୍‌ପି ଭର୍ତ୍ତୃହରି ମହତାବ କହିଥିଲେ, ଗ୍ରାମ୍ୟ ସଡ଼କ ଯୋଜନା ଦ୍ୱାରା ପରିବେଶ ସୁରକ୍ଷା, ଆର୍ଥିକ ପ୍ରଗତି ସମ୍ଭବ ହୋଇପାରିଛି। ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ ଗ୍ରାମ୍ୟ ସଡ଼କ ନିର୍ମାଣ ସମୟରେ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ କଟକ ଜିଲାରେ ୪୩୩.୬ କି.ମି. ସଂଯୋଗୀକରଣ ରାସ୍ତା ନିର୍ମାଣ କରାଯିବ। ପ୍ରତି ବ୍ଲକରେ ୩୦ କି.ମି. ସଂଯୋଗୀକରଣ ରାସ୍ତା ନିର୍ମାଣ ସମୟରେ ସ୍ଥାନୀୟ ବିଧାୟକ,

- ଗ୍ରାମ୍ୟ ସଡ଼କ ସଂଯୋଗୀକରଣ ଆଲୋଚନାଚକ୍ର
- ଗ୍ରାମୀଣ ଭିତ୍ତିଭୂମି ଉନ୍ନତି ପାଇଁ ଯୋଗାଯୋଗ ବଳିଷ୍ଠ ମାଧ୍ୟମ

ପଞ୍ଚାୟତ ସ୍ତରୀୟ ଜନପ୍ରତିନିଧିଙ୍କ ସହ ବିଚାରବିମର୍ଶ କରି କାର୍ଯ୍ୟ କରିବାକୁ ଆଲୋଚନା କରାଯାଇଥିଲା। ଏହି ଆଲୋଚନାଚକ୍ରରେ ରାଜ୍ୟ ସଭା ସଦସ୍ୟ ସୁବାସ ସିଂ, ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକ, ଦେବୀ ପ୍ରସାଦ ମିଶ୍ର, ଦେବୀ ରଞ୍ଜନ ତ୍ରିପାଠୀ, ଜ୍ୟୋତିରେଖା ନାୟକ ଯୋଗଦେଇ ସଡ଼କ ନିର୍ମାଣ ପରେ ତାହାର ରକ୍ଷଣାବେକ୍ଷଣ ଉପରେ ମତବ୍ୟକ୍ତ କରିଥିଲେ। ଏଥିରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ପିଡି ଡିଆରଡିଏ ଅମ୍ବର କର, ସମୀର କୁମାର ସାମନ୍ତରାୟ, ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ମିଶ୍ର ଉପସ୍ଥିତ ଥିଲେ।



ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ କଟକ ବାରବାଟୀ ଗଡଖାଇର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯାଉଛି।




କଟକ ଗଡଗଡେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଚନ୍ଦ୍ରାବତୀ ଭିଜନ ପକ୍ଷରୁ ନିର୍ମିତ ଓଡ଼ିଆ ଚଳଚ୍ଚିତ୍ର 'ନାରୀ ନୁହେଁ ତୁ ଅର୍ଦ୍ଧନାରୀ'ର ମହୁରତରେ ଉପସ୍ଥିତ କଳାକାର ଓ ଅତିଥିମାନେ।



ଆଫଗାନିସ୍ତାନକୁ ତାଲିବାନ ଦଖଲ କରିବା ପୂର୍ବରୁ ଭାରତ ସେମାନଙ୍କ ସହ ଖୋଲାଖୋଲି ଆଲୋଚନା କରିବା ଦରକାର ଥିଲା। ଆଗକୁ ସେମାନେ ଏକ ଦାୟିତ୍ୱବାନ ସରକାର ରୂପେ କାର୍ଯ୍ୟ କଲେ ନୂଆଦିଲ୍ଲୀ ତାଲିବାନ ସହ କୂଟନୈତିକ ସମ୍ପର୍କ ପ୍ରତିଷ୍ଠା କରିବା ଉଚିତ।
–କେ. ନଟବର ସିଂ, ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ

# ପାଶ୍ଚାତ୍ୟ ଦେଶର କପଟ ନୀତି

## ଆମେରିକାକୁ ବିଶ୍ୱ ନେତାଙ୍କ ସମାଲୋଚନା

ବ୍ରୁସେଲ୍ସ, ୧୮।୮

ଆଫଗାନିସ୍ତାନରୁ ସେନା ପ୍ରତ୍ୟାହାର ପାଇଁ ଆମେରିକା ଘୋଷଣା କରିବା ପରେ ହିଁ ଏହି ଦେଶ ତାଲିବାନ କବଳକୁ ଯିବା ସ୍ଥିର ହୋଇସାରିଥିଲା। କେବଳ ଘଟଣାକ୍ରମ ଦେଖିବା ପାଇଁ ଅପେକ୍ଷା କରି ରହିଥିଲା ବିଶ୍ୱ। ହେଲେ ଏତେଶୀଘ୍ର ରାଜଧାନୀ କାବୁଲକୁ ତାଲିବାନ ଗୋଷ୍ଠୀ ଦଖଲ କରିନେବ ତାହା ହୁଏତ ପରିକଳ୍ପନା ବାହାରେ ଥିଲା। ଭୟ ଓ ଆତଙ୍କର ବାତାବରଣ ଭିତରେ ରହିଥିବା ଆଫଗାନିସ୍ତାନ ପ୍ରତି ଆମେରିକା ସମେତ ପାଶ୍ଚାତ୍ୟ ଦେଶଗୁଡ଼ିକର ଉଦାସୀନତା ମନୋଭାବ ସ୍ଥାନୀୟ ଲୋକଙ୍କ ମଧ୍ୟରେ କ୍ରୋଧକୁ ଜନ୍ମ ଦେଇଛି। ଆଫଗାନିସ୍ତାନରେ ଗଣତନ୍ତ୍ର ପ୍ରତିଷ୍ଠା ପ୍ରତିଶ୍ରୁତି ଦେଇ ଆମେରିକା ସେଠାକୁ ସୈନ୍ୟ ପଠାଇଥିବା ପ୍ରଥମେ କହିଥିବାବେଳେ ଏବେ ଦୋହରା ନୀତି ଆପଣାଇଛି। ଆଫଗାନିସ୍ତାନରେ ରାଜନୈତିକ ସମୀକରଣ ବଦଳିଛି। ଆଶା ଅନୁସାରେ ଲାଭ ନ ମିଳିବାରୁ ଏବେ ଆମେରିକୀୟ କମାଣ୍ଡୋ କେବଳ ଆତଙ୍କବାଦୀଙ୍କ ଉତ୍ଥାନ ରୋକିବା ଉଦ୍ଦେଶ୍ୟରେ ସେଠାକୁ ଯାଇଥିବା ସଫେଇ ଦେଉଛି। ଆଫଗାନକୁ ନେଇ ୟୁରୋପ ମଧ୍ୟ ସମାନ ନୀତି ଗ୍ରହଣ କରିଛି।

ଆଫଗାନିସ୍ତାନ ସରକାର ଓ ସେନା ହାର ମାନିଯିବା ପରେ କାବୁଲକୁ ତାଲିବାନ୍ ଦଖଲ କରିନେଇଛି। ସେଠାରେ




କୋଲକାତାରେ ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟ୍ସ ଆସୋସିଏଶନ୍ ସଦସ୍ୟମାନେ ଆଫଗାନିସ୍ତାନ ସପକ୍ଷରେ ସ୍ଲୋଗାନ ଦେଇ ବିକ୍ଷୋଭ କରୁଛନ୍ତି।

ଏକ ଦୀର୍ଘ ଏବଂ ସ୍ଥାୟୀ ସମାଜ ଗଠନ ନିମନ୍ତେ ପାଶ୍ଚାତ୍ୟ ଦେଶଗୁଡ଼ିକର ସମସ୍ତ ଉଦ୍ୟମ ବିଫଳ ହୋଇଥିବା ଏହା ପ୍ରମାଣ କରୁଛି ବୋଲି ଜର୍ମାନ ରାଷ୍ଟ୍ରପତି ଫ୍ରାଙ୍କ୍-ୱାଲ୍ଟର ଷ୍ଟେନମେୟର କହିଛନ୍ତି। କାବୁଲ ବିମାନବନ୍ଦର ଦୃଶ୍ୟ ଅଭିଜ୍ଞ ପାଶ୍ଚାତ୍ୟ ରାଜନେତାଙ୍କ ପାଇଁ ଲଜ୍ଜାଜନକ। ଦୀର୍ଘ ୨୦ ବର୍ଷ ଧରି ଆଫଗାନିସ୍ତାନରେ ଆମେରିକା ଉପସ୍ଥିତି ବିଫଳ ହେବା ପାଶ୍ଚାତ୍ୟ ଦେଶର ଅତୀତ ଓ ଭବିଷ୍ୟତ ବିଦେଶୀ ନୀତି ଏବଂ ସାମରିକ ଆଭିମୁଖ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ସେ କହିଛନ୍ତି। ଆଫଗାନିସ୍ତାନରେ ଅସ୍ଥିରତା କାରଣରୁ ୟୁରୋପରେ ଶରଣାର୍ଥୀଙ୍କ ସଂଖ୍ୟା ବଢ଼ିବା ଆଶଙ୍କା ଦେଖାଦେଇଛି। ଜାତିସଂଘ ସୁରକ୍ଷା ପରିଷଦରେ ଏ ନେଇ ଏକ ଦାୟିତ୍ୱବୋଧ ଓ ମିଳିତ ପ୍ରୟାସ ଜରୁରୀ ବୋଲି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରଁ କହିଛନ୍ତି। ଆମେରିକୀୟ ସୈନ୍ୟ ଫେରିଯିବା ଏକ ଭୀରୁତାପୂର୍ଣ୍ଣ କାର୍ଯ୍ୟ ବୋଲି ଚେକ୍ ରାଷ୍ଟ୍ରପତି ମିଲୋସ୍ ଜେମାନ କହିଛନ୍ତି। ଏହା ତଥାକଥିତ ବିଶ୍ୱନେତା ଆମେରିକାର ନୀତିକୁ ନେଇ ନର୍ଥ ଆଟ୍ଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ(ନାଟୋ) ମଧ୍ୟରେ ଅବିଶ୍ୱାସକୁ ଜନ୍ମ ଦେବ ବୋଲି ସେ ପ୍ରକାଶ କରିଛନ୍ତି। ଏକ ଉନ୍ନତ ଆଫଗାନିସ୍ତାନ ଗଠନ ପ୍ରତିବଦ୍ଧତା ବିପର୍ଯ୍ୟସ୍ତ ଢଙ୍ଗରେ ଶେଷ ହୋଇଥିବା ସ୍ୱିଡେନର ପୂର୍ବତନ ପ୍ରଧାନମନ୍ତ୍ରୀ କାର୍ଲ ବିଲ୍ଡତ୍ କହିଛନ୍ତି। ଦୁଇ ଦଶନ୍ଧି ଧରି ଉଦ୍ୟମ ଓ ତ୍ୟାଗ ସତ୍ତ୍ୱେ ଆଫଗାନିସ୍ତାନ ଅତି ଦ୍ରୁତଗତିରେ ଦୁର୍ବଳ ହୋଇପଡ଼ିଥିଲା। ଏଥିରୁ ଅନେକ ଶିକ୍ଷା ମିଳିଛି। ସେଠାରେ ନାଟୋର ନିଜସ୍ୱ ଯୋଗଦାନର ଆବଶ୍ୟକତା ଥିଲା ବୋଲି ନାଟୋ ମହାସଚିବ ଜେନ୍ସ ଷ୍ଟୋଲେନବର୍ଗ ପ୍ରକାଶ କରିଛନ୍ତି।

ଆମେରିକା ନିଜ ହାତ ଝାଡ଼ି ବସିପଡ଼ିଥିବାବେଳେ ୟୁରୋପୀୟ ସଂଘ ମଧ୍ୟ ଆଫଗାନିସ୍ତାନ ଶରଣାର୍ଥୀଙ୍କୁ ଆପଣାଇବା ଏବଂ ସେମାନଙ୍କ ଦୁର୍ଦ୍ଦଶାକୁ ବୁଝିବା ଭଳି ଉଦାର ଭାବ ଦେଖାଉନାହିଁ। ପାଶ୍ଚାତ୍ୟ ଦେଶଗୁଡ଼ିକ ଏ ଦିଗରେ ସକାରାତ୍ମକ ପଦକ୍ଷେପ ନ ନେଲେ ଆଫଗାନ୍ଙ୍କ ମନରେ ବିଦ୍ରୋହ ମନୋଭାବ ଜାତ ହୋଇପାରେ। ତାଲିବାନ୍ ଓ ଅନ୍ୟ ଆତଙ୍କବାଦୀ ଗୋଷ୍ଠୀ ଏଥିରୁ ଫାଇଦା ନେବାକୁ ଚେଷ୍ଟା କରିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।

## ହକ୍କାନିଙ୍କୁ ଭେଟିଲେ କାର୍‌ଜାଇ



**କାବୁଲ,** ୧୮।୮:ଆଫଗାନିସ୍ତାନର ପୂର୍ବତନ ରାଷ୍ଟ୍ରପତି ହମିଦ୍ କାର୍‌ଜାଇ ବୁଧବାର ତାଲିବାନ୍‌ର ଜଣେ ବରିଷ୍ଠ ନେତାଙ୍କୁ ଭେଟିଛନ୍ତି। ଆମେରିକା ପକ୍ଷରୁ ଆତଙ୍କବାଦୀ ସଙ୍ଗଠନ ରୂପେ ଘୋଷଣା କରାଯାଇଥିବା ହକ୍କାନି ନେଟ୍‌ୱର୍କ ମୁଖ୍ୟ ଅନସ୍ ହକ୍କାନିଙ୍କୁ କାର୍‌ଜାଇ ଓ ବରିଷ୍ଠ ନେତା ଅବ୍‌ଦୁଲ୍ଲା ଅବ୍‌ଦୁଲ୍ଲା ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ତାଲିବାନର ଶୀର୍ଷ ନେତା ମୁଲ୍ଲା ଅବ୍‌ଦୁଲ ଗନି ବରାଦରଙ୍କ ସହ ମୂଳଚାଲରେ ସହାୟକ ହେବ ବୋଲି କୁହାଯାଉଛି। ଅନସ୍ ହକ୍କାନି ହେଉଛନ୍ତି ତାଲିବାନ୍‌ର ବରିଷ୍ଠ ନେତା ସିରାଜୁଦ୍ଦିନ ହକ୍କାନିଙ୍କ ଭାଇ। ସିରାଜୁଦ୍ଦିନ ବାପା ଜଲାଲୁଦ୍ଦିନ ହକ୍କାନିଙ୍କ ମୃତ୍ୟୁ ପରେ ଏହି ନେଟ୍‌ୱର୍କର ନୂଆ ନେତା ଭାବେ ଦାୟିତ୍ୱ ନେଇଥିଲେ। ପ୍ରକାଶ ଯେ, ୨୦୧୨ରେ ଆମେରିକା ହକ୍କାନି ନେଟ୍‌ୱର୍କକୁ ଆତଙ୍କବାଦୀ ସଙ୍ଗଠନ ଘୋଷଣା କରିଥିଲା।

# ଏସ୍‌ଆଇସିରେ ନିଯୁକ୍ତି: ଓଡ଼ିଶାକୁ ରିପୋର୍ଟ ମାଗିଲେ ସୁପ୍ରିମକୋର୍ଟ



## ୩ ସପ୍ତାହରେ ଦାଖଲ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୮।୮

ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ଷ୍ଟେଟ୍ ଇନ୍‌ଫର୍ମେଶନ କମିଶନ (ଏସ୍‌ଆଇସି)ଗୁଡ଼ିକରେ ଖାଲି ପଡ଼ିଥିବା ପଦବୀ ଓ ବିଚାରାଧୀନ ମାମଲା ସଂଖ୍ୟାକୁ ନେଇ ବୁଧବାର ସୁପ୍ରିମକୋର୍ଟ ଚିନ୍ତାବ୍ୟକ୍ତ କରିଛନ୍ତି। କେତେ ପଦବୀ ପୂରଣ ନ ହୋଇ ଖାଲି ପଡ଼ିଛି ଓ କେତେ ମାମଲା ବିଚାରାଧୀନ ଅଛି, ସେନେଇ ଶୀର୍ଷ ଅଦାଲତ ରାଜ୍ୟଗୁଡ଼ିକୁ ବିବରଣୀ ମାଗିଛନ୍ତି। ଜଷ୍ଟିସ୍ ଏସ୍. ଅବଦୁଲ ନାଜିର ଏବଂ କ୍ରଷ୍ଣା ମୁରାରୀଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ସୁପ୍ରିମକୋର୍ଟ ୩ଟି ସୂଚନା କମିଶନର ପଦବୀରେ ଅତିରିକ୍ତ ନିଯୁକ୍ତି ପାଇଁ ପୂର୍ବରୁ ନିର୍ଦ୍ଦେଶ ଦେଇଥିବାବେଳେ ଓଡ଼ିଶା ସରକାର ମାତ୍ର ଦୁଇଟି ପୋଷ୍ଟ ସୃଷ୍ଟି କରିଛନ୍ତି। ଖଣ୍ଡପୀଠ ମାମଲାର ଶୁଣାଣି ୩ ସପ୍ତାହକୁ ଘୁଞ୍ଚାଇ ଦେବା ସହ ଏହି ଅବଧି ମଧ୍ୟରେ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବା ପାଇଁ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।

ଶୁଣାଣି ବେଳେ ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଆଇନଜୀବୀ ଯୁକ୍ତି ବାଢ଼ିଥିଲେ ଯେ, ବର୍ତ୍ତମାନ ରାଜ୍ୟରେ ୪ ଜଣ ସୂଚନା କମିଶନର କାର୍ଯ୍ୟରତ ଅଛନ୍ତି। ଏହା ସହ ମୁଖ୍ୟ ସୂଚନା କମିଶନର(ସିଆଇସି) ଏବଂ ଅନ୍ୟ ଜଣେ ସୂଚନା କମିଶନର ନିଯୁକ୍ତି ନିମନ୍ତେ ବିଜ୍ଞପ୍ତି ଜାରି କରାଯାଇଛି। ସୂଚନା ଅଧିକାର (ଆର୍‌ଟିଆଇ) କର୍ମୀ ଅଞ୍ଜଳି ଭରଦ୍ୱାଜ ୨୦୧୯ ଫେବୃୟାରୀରେ ସୁପ୍ରିମକୋର୍ଟ ଦେଇଥିବା ରାୟର ଅନୁପାଳନ ନେଇ ତଥ୍ୟ ମାଗିବା ସହ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଓଡ଼ିଶା ରାଜ୍ୟ ସୂଚନା କମିଶନରେ ୧୫,୦୦୦ ଅପିଲ୍ ଓ ଅଭିଯୋଗ ଗଦ୍ଦୁଥିବାବେଳେ ମାତ୍ର ୪ ଜଣ ସୂଚନା କମିଶନରରେ ସଂସ୍ଥା ଚାଲିଥିବା ଗତବର୍ଷ ଅକ୍ଟୋବରରେ ଆବେଦନକାରୀ କହିଥିଲେ। ପ୍ରକାଶ ଯେ, ୨୦୧୯ ଫେବୃୟାରୀ ୧୫ରେ ସୁପ୍ରିମକୋର୍ଟ ଓଡ଼ିଶା ସମେତ ୬ ରାଜ୍ୟକୁ ଖାଲିଥିବା ସମସ୍ତ ସୂଚନା କମିଶନର ପଦବୀ ୨ ମାସ ମଧ୍ୟରେ ପୂରଣ କରିବା ସହ ଅତିରିକ୍ତ ପଦବୀ ସୃଷ୍ଟି କରିବା ସମ୍ପର୍କରେ ନିଷ୍ପତ୍ତି ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

# ପୁଣି ବସିଲା ସିସିଏସ୍ ବୈଠକ

ନୂଆଦିଲ୍ଲୀ,୧୮।୮

ଆଫଗାନିସ୍ତାନରେ ଦ୍ରୁତ ପରିବର୍ତ୍ତନଶୀଳ ଘଟଣାକ୍ରମକୁ ନେଇ ଚିନ୍ତିତ ଭାରତ। କାରଣ ଏବେ ମଧ୍ୟ ସେଠାରେ ଅନେକ ହିନ୍ଦୁ ଓ ଶିଖ୍ ସମୁଦାୟର ଲୋକ ଫସିରହିଛନ୍ତି। ସେମାନଙ୍କୁ କିପରି ସୁରକ୍ଷିତ ଭାବେ ସ୍ୱଦେଶକୁ ଫେରାଇ ଅଣାଯିବ ତାହା ହିଁ ଭାରତ ପାଇଁ ବଡ଼ ପ୍ରଶ୍ନ ପାଲଟିଛି। ଏନେଇ ଲଗାତର ଦ୍ୱିତୀୟ ଦିନ ଧରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ଥିତି ସମୀକ୍ଷା କରିଛନ୍ତି। ବୁଧବାର ଅନୁଷ୍ଠିତ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟି (ସିସିଏସ୍) ବୈଠକରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ, ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ସାମିଲ ହୋଇଥିଲେ। ସେହିପରି ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ର, ବହିର୍ବ୍ୟାପାର ସଚିବ ହର୍ଷବର୍ଦ୍ଧନ ଶ୍ରୀଙ୍ଗଲା, କ୍ୟାବିନେଟ ସଚିବ ରାଜୀବ ଗୌବା ମଧ୍ୟ ଉପସ୍ଥିତ ଥିଲେ। ତେବେ ଉକ୍ତ ବୈଠକରେ କେବଳ ଭାରତୀୟଙ୍କୁ ନେଇ ଚିନ୍ତା ବ୍ୟକ୍ତ କରାଯାଇ ନାହିଁ, ଭାରତର ସାହାଯ୍ୟ ଅପେକ୍ଷାରେ ଥିବା ଆଫଗାନ ନାଗରିକଙ୍କୁ ମାନବୀୟ ସହାୟତା ପ୍ରଦାନ ପାଇଁ ମଧ୍ୟ ଆଲୋଚନା ହୋଇଛି। ପ୍ରକାଶ ଯେ, ଭାରତରେ ନବପ୍ରଣୀତ ନାଗରିକତ୍ୱ ସଂଶୋଧନ ଆଇନ, ୨୦୧୯ ଅନୁସାରେ ଆଫଗାନିସ୍ତାନରୁ ଆସୁଥିବା ଲୋକଙ୍କୁ ଏଠାରେ ନାଗରିକତ୍ୱ ଦିଆଯାଇପାରିବ।

# ୧ ତଳେ କୋଭିଡ୍ ଆର୍-ଭ୍ୟାଲୁ

ନୂଆଦିଲ୍ଲୀ, ୧୮।୮

କରୋନା ଭୂତାଣୁର ସଂକ୍ରମଣ ହାର (ଆର୍ ଭ୍ୟାଲୁ) ଅଗଷ୍ଟ ପ୍ରଥମ ସପ୍ତାହରେ ୧ ଟପିଥିବାବେଳେ ଏବେ ତାହା ହ୍ରାସ ପାଇଛି। ଏପରିକି କେରଳ ଏବଂ ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ମଧ୍ୟ ଧୀରେ ଧୀରେ ସଂକ୍ରମଣ କମୁଥିବା ଦେଖାଯାଇଛି। ଅଗଷ୍ଟ ୧୪ରୁ ୧୬ ମଧ୍ୟରେ ଆର୍-ଭ୍ୟାଲୁ ୦.୮୯ ରହିଥିବା ଆକଳନ କରାଯାଇଛି। ଅର୍ଥାତ୍ ପୂର୍ବରୁ ଥିବା ସଂକ୍ରମିତଙ୍କ ତୁଳନାରେ ନୂଆ ସଂକ୍ରମଣ କମ୍ ହେଉଛି। ବୁଧବାର ସକାଳ ସୁଦ୍ଧା ୨୪ ଘଣ୍ଟା ମଧ୍ୟରେ ଦେଶରେ ୩୫,୧୭୮ ନୂଆ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୪୪୦ ଜଣଙ୍କ ଜୀବନ ଯାଇଛି। ସକ୍ରିୟ ମାମଲା ସଂଖ୍ୟା ୩,୬୭,୪୧୫କୁ ହ୍ରାସ ପାଇଛି।

**ରାଜ୍ୟ ଖବର ...**

## ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ମାଡ଼

ଆନନ୍ଦପୁର,୧୮।୮(ସ୍ୱ.ପ୍ର.): କେନ୍ଦୁଝର ଜିଲା ଘସିପୁରା ବ୍ଲକ ଖାଳିଆମେଣ୍ଟା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ନାୟକଙ୍କୁ ବ୍ଲକ କାର୍ଯ୍ୟାଳୟ ପରିସରରେ ସ୍ଥାନୀୟ ସରପଞ୍ଚଙ୍କ ସ୍ୱାମୀ ସୁରେନ୍ଦ୍ର ଭୂୟାଁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ପରେ ଘଟଣାର ସମାଧାନ ପାଇଁ ଘସିପୁରା ବ୍ଲକ ପୂର୍ବତନ ଅଧ୍ୟକ୍ଷ ତଥା ବିଧାୟକ ବଦ୍ରିନାରାୟଣ ପାତ୍ରଙ୍କ ପୁଅ ଦେବାଶିଷ ପାତ୍ର ନିକଟସ୍ଥ ଆଇବିକୁ ବୁଝାଶୁଝା ପାଇଁ ପିଇଓଙ୍କୁ ଡାକିଥିଲେ। ଏପରିକି ଆଇବିରେ ମଧ୍ୟ ତାଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଘସିପୁରା ଥାନାରେ ପିଇଓ ନାୟକ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ଏକ ମାମଲା (ନଂ.୧୬୬/୨୧) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି। ଏନେଇ ଦେବାଶିଷଙ୍କ ଫୋନ୍ ନଂ.୯୪୩୭୨୭୨୬୫୩ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନଥିଲେ।

## ଖୋଳାଯିବ ଅଧିକ ୧୮ ହଜାର ସେଚକୂପ

ଭୁବନେଶ୍ୱର, ୧୮।୮(ବ୍ୟୁରୋ): ଜଳ ସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ବୁଧବାର ରାଜ୍ୟରେ ଗଭୀର ସେଚକୂପ ଏବଂ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ସମ୍ପର୍କରେ ସମୀକ୍ଷା କରିଛନ୍ତି। ଭର୍ଚୁଆଲ ବ୍ୟବସ୍ଥାରେ ଏହି ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟରେ ୨୦୨୦-୨୧ ଆର୍ଥିକ ବର୍ଷରେ ବିଜୁ କୃଷକ ବିକାଶ ଯୋଜନାରେ ଅଦ୍ୟାବଧି ୮୫ ହଜାରରୁ ଅଧିକ ଗଭୀର ସେଚକୂପ ଖୋଳାଯାଇଥିବା ବେଳେ ଆଉ ଅଧିକ ୧୮ ହଜାର ସେଚକୂପ ଖୋଳାଯିବା ନେଇ ନିଷ୍ପତ୍ତି ହୋଇଛି। ସେହିପରି ଚଳିତବର୍ଷ ୧ ହଜାର ୫୪୪ଟି ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ ସ୍ଥାପନ କରାଯିବ। ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରକଳ୍ପ ନିର୍ମାଣ ଶେଷ କରିବାକୁ ବିଭାଗୀୟ ପ୍ରମୁଖ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

## ଭାଜପାର ୩ ନୂଆ ମୁଖପାତ୍ର

ଭୁବନେଶ୍ୱର, ୧୮।୮(ବ୍ୟୁରୋ): ଭାଜପା ପକ୍ଷରୁ ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାରସିଂହ, ଭୁବନେଶ୍ୱର ମହାନଗର ନିଗମର ପୂର୍ବତନ ଉପାଧ୍ୟକ୍ଷା ଉର୍ମିଳା ମହାପାତ୍ର ଏବଂ ଯୁବନେତା ରାଜେନ୍ଦ୍ର ପଣ୍ଡାଙ୍କୁ ରାଜ୍ୟ ମୁଖପାତ୍ର ଭାବେ ମନୋନୀତ କରାଯାଇଛି। ଏ ନେଇ ଦଳ ତରଫରୁ ବୁଧବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି।

# ଜନବସତି ନିକଟରେ ଖଣି ଖନନକୁ ବିରୋଧ

କଣିହାଁ,୧୮।୮(ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁସ୍ଥିତ ଏମ୍‌ସିଏଲ୍‌ର କଣିହାଁ ଓସିପି ଅଞ୍ଚଳରେ ଥିବା ଜରଡ଼ା ଗ୍ରାମ ନିକଟରେ ବୁଧବାର ଖଣି ଖନନ ବେଳେ ଉତ୍ତେଜନା ପ୍ରକାଶ ପାଇଛି। କମ୍ପାନୀର ବଳପୂର୍ବକ କାର୍ଯ୍ୟକୁ ବିରୋଧ ବେଳେ ପୋଲିସ ସହ ଜରଡ଼ା ଗ୍ରାମବାସୀଙ୍କ ମୁହାଁମୁହିଁ ହୋଇଛି। ଫଳରେ ଜଣେ ଆନ୍ଦୋଳନକାରୀ ଓ ୨ ଜଣ କନଷ୍ଟେବଳ ଆହତ ହୋଇଛନ୍ତି। ଗୋଟିଏ ଜେସିବି ମେଶିନ ଓ ବୋଲେରୋ ଭଙ୍ଗାରୁଜା କରାଯାଇଛି। ପୋଲିସ ୨୩ଜଣଙ୍କୁ ଗିରଫ କରିଛି। ଗ୍ରାମ ସଭାପତିଙ୍କ ସହିତ ୩୦ରୁ ଅଧିକଙ୍କୁ ଥାନାରେ ଅଟକ ରଖିଛି। ପୋଲିସର ଗିରଫଦାରି ପ୍ରତିବାଦରେ ଗ୍ରାମବାସୀ କଣିହାଁ ଥାନା ଘେରାଉ କରିଛନ୍ତି।

 କ୍ଷତିଗ୍ରସ୍ତଙ୍କ କହିବା ଅନୁଯାୟୀ, ୨୦୧୦ ମସିହାରେ କଣିହାଁ ଓସିପି କାର୍ଯ୍ୟକ୍ଷମ ହୋଇଥିଲା। ଅଧିଗ୍ରହଣ ହୋଇଥିବା ଜରଡ଼ା ଗ୍ରାମବାସୀଙ୍କ ଜମିରୁ ୨୦୧୩ରେ କୋଇଲା ଖନନ ଓ ଉତ୍ତୋଳନ କାର୍ଯ୍ୟ ଆରମ୍ଭ ହୋଇଥିଲା। ପୁନର୍ବାସ ଓ ଥଇଥାନ ପାଇଁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ତାହା ଏଯାଏ ପୂରଣ ହୋଇନାହିଁ। ତେଣୁ ଥଇଥାନ ନ କରାଯିବା ପର୍ଯ୍ୟନ୍ତ ଗ୍ରାମ ବସତି ଠାରୁ ୨୦୦ ମିଟର ଯାଏ ଖନନ କାର୍ଯ୍ୟ ନ କରିବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ହଠାତ୍ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ପୋଲିସ ଫୋର୍ସ ସାହାଯ୍ୟରେ ବସତି ନିକଟରେ ମେଶିନ ଲଗାଇ କାର୍ଯ୍ୟ କରିଥିଲେ। ଏହାକୁ ଗ୍ରାମବାସୀ ବିରୋଧ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ପତିତପାବନ ଦେବତା, ପାଲଲହଡ଼ା ଏସ୍‌ଡିପିଓ ସୁମନ ରଞ୍ଜିତା ସିଂ, ଅନୁଗୋଳ ଏସ୍‌ଡିପିଓ ଭବାନୀ ଶଙ୍କର ଉଦ୍‌ଗାତା, ୫ ଜଣ ଇନ୍ସପେକ୍ଟରଙ୍କ ସହ ୭ ପ୍ଲାଟୁନ ଫୋର୍ସ ଘଟଣାସ୍ଥଳରେ ମୁତୟନ ରହିଛନ୍ତି। ଓସିପି ଜିଏମ୍ କିଶୋର କୁମାର ରାଉଳ କହିଛନ୍ତି, ଗ୍ରାମବାସୀଙ୍କୁ କେବଳ ଥଇଥାନ କରାଯିବା ବାକି ରହିଛି। ବସତି ଠାରୁ ୮୦ ମିଟର ଭିତରେ ଆଧୁନିକ ଜ୍ଞାନ କୌଶଳରେ ଖଣି କାର୍ଯ୍ୟ ନେଇ ଆଲୋଚନା ସହିତ ପୁରୁଣା ଘର ସୁରକ୍ଷିତ ରହିବ ବୋଲି ବ୍ୟବସ୍ଥା ହୋଇଛି। କିନ୍ତୁ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ବ୍ଲଷ୍ଟିଂ ବ୍ୟବସ୍ଥା ସହିତ ଖୁବ୍‌ଶୀଘ୍ର ପଥରମୁଣ୍ଡାରେ ଜାଗା ଯୋଗାଇ ଦିଆଯିବ। ତହସିଲଦାର ଦେବତା କହିଛନ୍ତି, ଜରଡ଼ା ଗ୍ରାମବାସୀଙ୍କ ସହିତ ଆଲୋଚନା କରାଯାଇଛି। ରାତି ୮ଟା ପରେ ସ୍ଥିତି ସ୍ୱାଭାବିକ ହୋଇଛି। ଅଟକମାନଙ୍କୁ ଛାଡି ଦିଆଯାଇଛି। ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ନ ହେବା ପର୍ଯ୍ୟନ୍ତ ନୂଆ ଜାଗାରେ ଖଣି କାର୍ଯ୍ୟ ହେବ ନାହିଁ ବୋଲି ତହସିଲଦାର ପ୍ରକାଶ କରିଛନ୍ତି।



କଣିହାଁ ଓସିପି ସମ୍ମୁଖରେ କ୍ଷତିଗ୍ରସ୍ତ ଜରଡ଼ା ଗ୍ରାମବାସୀ ଆନ୍ଦୋଳନ କରୁଥିବା ବେଳେ ପ୍ରଶାସନିକ ଅଧିକାରୀ ଓ ପୋଲିସ ଉପସ୍ଥିତ ଅଛନ୍ତି।

- ପୋଲିସ-ଜରଡ଼ା ଗ୍ରାମବାସୀ ମୁହାଁମୁହିଁ
- ୨୩ କ୍ଷତିଗ୍ରସ୍ତ ଗିରଫ, ୩୦ ଅଟକ
- ଥାନା ଘେରିଲେ ଆନ୍ଦୋଳନକାରୀ

# ଟିକା ନେଇ ୩୧,୭୧୨ ସଂକ୍ରମିତ

## ୨କୋଟି ଟପିଲା ଟିକାକରଣ

ଭୁବନେଶ୍ୱର, ୧୮।୮(ବ୍ୟୁରୋ)

ରାଜ୍ୟରେ ଟିକା ନେଇଥିବା ୩୧,୭୧୨ଜଣ କରୋନାରେ ସଂକ୍ରମିତ ହୋଇଛନ୍ତି। ପ୍ରଥମ ଡୋଜ୍ ନେଇଥିବା ୧୭,୮୨୪ ଓ ଦ୍ୱିତୀୟ ଡୋଜ୍ ପରେ ୧୩,୮୮୮ଜଣ ସଂକ୍ରମିତ ହୋଇଛନ୍ତି। ଅନ୍ୟପଟେ ରାଜ୍ୟରେ ଟିକାକରଣ ଆଉଏକ ମାଇଲଖୁଣ୍ଟ ଅତିକ୍ରମ କରିଛି। ବୁଧବାର ସୁଦ୍ଧା ମୋଟ ୨କୋଟି ୨୧ହଜାର ୮୧୪ ଡୋଜ୍ ଦିଆଯାଇଛି। ଏଥିରୁ ୧ କୋଟି ୫୩ ଲକ୍ଷ ୮୭ ହଜାର ୫୭୨ ପ୍ରଥମ ଡୋଜ୍ ଓ ୪୬ଲକ୍ଷ ୩୪ହଜାର ୨୪୨ଟି ଦ୍ୱିତୀୟ ଡୋଜ୍ ଦିଆଯାଇଛି।

# ଶୂନ୍ୟ ସହନଶୀଳ ନୀତିକୁ ସର୍ବସମ୍ମତି

## ପରିବେଶ ପ୍ରଦୂଷଣ ସମ୍ପର୍କିତ ଗୃହ କମିଟି ବୈଠକ

ଭୁବନେଶ୍ୱର, ୧୮।୮(ବ୍ୟୁରୋ)

ବିଧାନସଭାର ପ୍ରକୋଷ୍ଠ ନଂ.୫୯ରେ ବୁଧବାର ପରିବେଶ ପ୍ରଦୂଷଣ ସଂକ୍ରାନ୍ତୀୟ ଗୃହ କମିଟି ବୈଠକ ଭିଡିଓ କନଫେରେନ୍ସିଂ ଜରିଆରେ ଅନୁଷ୍ଠିତ ହୋଇଯାଇଛି। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଅଧ୍ୟକ୍ଷତା କରିଥିଲେ। ପରିବେଶ ପ୍ରଦୂଷଣକୁ ପ୍ରତିହତ କରିବା ପାଇଁ ଶୂନ୍ୟ ସହନଶୀଳ ନୀତି ଗ୍ରହଣ କରିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। କ୍ରଶରଗୁଡିକରୁ ନିର୍ଗତ ପଥରଗୁଣ୍ଡ କ୍ୟାନ୍‌ସର, କିଡ୍‌ନୀ ଜଟିଳତା ଭଳି ରୋଗ ସୃଷ୍ଟି କରୁଥିବାରୁ ବାଚସ୍ପତି ପାତ୍ର ଉଦ୍‌ବେଗ ପ୍ରକାଶ କରିଥିଲେ। ବୈଠକରେ ଉପସ୍ଥିତ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଗ୍ରୀନ୍ ଟ୍ରିବ୍ୟୁନାଲ ଦ୍ୱାରା ପ୍ରଦତ୍ତ ରାୟ ଗୁଡିକର ବିବରଣୀ ଏ ସଂକ୍ରାନ୍ତୀୟ ଗଠିତ ସବ୍-କମିଟିକୁ ପ୍ରଦାନ କରିବା ପାଇଁ ପରାମର୍ଶ ଦେଇଥିଲେ। ବିଜେଡି ବିଧାୟକ ଅମର ପ୍ରସାଦ ଶତପଥୀ ବିଭିନ୍ନ କଳକାରଖାନାରୁ ନିର୍ଗତ ଅଙ୍ଗାରକାମ୍ଳ ପରିବେଶ ଉପରେ ଗଭୀର ପ୍ରଭାବ ପକାଉଥିବା ଦର୍ଶାଇବା ସହ ଏହାକୁ ନିୟନ୍ତ୍ରଣ ନିମନ୍ତେ ପରାମର୍ଶ ଦେଇଥିଲେ। ବିଧାୟକ ସୁବାସ ଚନ୍ଦ୍ର ବେହେରା ପଲିଥିନର ବହୁଳ ବ୍ୟବହାର ଓ ପରିବେଶ ଉପରେ ଏହାର କୁପ୍ରଭାବ ପଡୁଥିବା କହିଥିଲେ। ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ପ୍ରଦୂଷଣ ଉପରେ ଗଠିତ ସବ୍-କମିଟି ଅଧ୍ୟକ୍ଷ ନରସିଂହ ମିଶ୍ର, ବିଭିନ୍ନ ଶିଳ୍ପ ସଂସ୍ଥା ଦ୍ୱାରା ନିର୍ଗତ ଦୂଷିତ ଜଳ ଉପରେ ଗଠିତ ସବ୍-କମିଟି ଅଧ୍ୟକ୍ଷ ମୋହନ ଚରଣ ମାଝି ଏବଂ ବିଭିନ୍ନ ଶିଳ୍ପ ସଂସ୍ଥା ଦ୍ୱାରା ନିର୍ଗତ କାର୍ବନ ଉପରେ ଗଠିତ ସବ୍-କମିଟି ଅଧ୍ୟକ୍ଷ ବଦ୍ରି ନାରାୟଣ ପାତ୍ର ଚୂଡାନ୍ତ ରିପୋର୍ଟ ଦେବେ। ତଦନୁଯାୟୀ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ବିଭାଗୀୟ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି।

# ଆଜି ଓଡ଼ିଶା ଆସୁଛନ୍ତି ୨ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୧୮।୮(ବ୍ୟୁରୋ)

ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ସମସ୍ତ କେନ୍ଦ୍ରମନ୍ତ୍ରୀ ଦେଶର ପ୍ରାୟ ୨୧୨ ସଂସଦୀୟ କ୍ଷେତ୍ରକୁ ଯାଇ ଜନ ଆଶୀର୍ବାଦ ଲୋଡ଼ିବେ। ଜନ ଆଶୀର୍ବାଦ ଯାତ୍ରା ୧୪୨ ଦିନ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀମାନେ ଲୋକମାନଙ୍କ ସହ ସିଧାସଳଖ ଆଲୋଚନା କରି ବାସ୍ତବ ସ୍ଥିତି ଅନୁଧ୍ୟାନ କରିବା ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ସାଧାରଣଙ୍କୁ ଅବଗତ ମଧ୍ୟ କରିବା କାର୍ଯ୍ୟକ୍ରମ ରହିଛି। ଜନ ଆଶୀର୍ବାଦ ଯାତ୍ରା ଅବସରରେ ଓଡ଼ିଶାକୁ ୨ ଜଣ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଅଶ୍ୱିନୀ ବୈଷ୍ଣବ ଗୁରୁବାର ୩ ଦିନିଆ ଗସ୍ତରେ ଆସୁଛନ୍ତି। ୧୯ ତାରିଖ ସକାଳେ ଉଭୟ ମନ୍ତ୍ରୀ ଭୁବନେଶ୍ୱରଠାରେ ପହଞ୍ଚିବା ପରେ ପୁରୀ ଗସ୍ତ କରି ଜଗନ୍ନାଥଙ୍କୁ ଦର୍ଶନ କରିବେ। ଏହା ପରେ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଖବରଦାତା ସମ୍ମିଳନୀରେ ଯୋଗଦେବେ। ଅଶ୍ୱିନୀ ବୈଷ୍ଣବ ସନ୍ଧ୍ୟାରେ ରେଳ ଯୋଗେ ରାୟଗଡ଼ା ଗସ୍ତ କରିବେ। ୨୦ରେ କୋରାପୁଟ ଗସ୍ତକରି ସେଠାରେ ରାତ୍ରିଯାପନ କରିବେ। ୨୧ରେ ଜୟପୁର, ନବରଙ୍ଗପୁର ଗସ୍ତକରି ଭବାନୀପାଟଣାରେ ରାତ୍ରିଯାପନ କରିବେ। ୨୨ରେ ବୈଷ୍ଣବ କେସିଙ୍ଗା, ଟିଟିଲାଗଡ଼, କଣ୍ଟାବାଞ୍ଜି, ପାଟଣାଗଡ଼ ଦେଇ ବଲାଙ୍ଗୀରଠାରେ ପହଞ୍ଚିବେ। ୨୨ ସନ୍ଧ୍ୟାରେ ସେ ବଲାଙ୍ଗୀରରୁ ଭୁବନେଶ୍ୱର ଫେରି ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ। ଧର୍ମେନ୍ଦ୍ର ଭୁବନେଶ୍ୱର, ଖୋର୍ଦ୍ଧା, କଟକ ଜିଲାର ବିଭିନ୍ନ ସ୍ଥାନ ଗସ୍ତ କରିବେ।

# ଗ୍ୟାସ୍ ସିଲିଣ୍ଡରରେ ପାଣି

ଝାରସୁଗୁଡ଼ା ଅଫିସ,୧୮।୮

ପରିବହନ ଗାଡ଼ିରୁ ଗ୍ୟାସ୍ ସିଲିଣ୍ଡର ବାହାର କରି ପାଣିଭର୍ତ୍ତି ସିଲିଣ୍ଡର ବୋଝେଇକରି ରପ୍ତାନି କରାଯାଉଥିଲା। ଏଭଳି ଚୋରିର ପର୍ଦ୍ଦାଫାଶ କରିଛି ଝାରସୁଗୁଡ଼ା ପୋଲିସ। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ଜଣଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଝାଡ଼ଖଣ୍ଡ ଗିରିଡିହିର ଟ୍ରକ୍ ଚାଳକ ଭୁବନେଶ୍ୱର ଯାଦବ, ଅଭିନାଶ ଯାଦବ ଓ ସ୍ଥାନୀୟ ବେହେରାମାଲର ମାନସ ରଞ୍ଜନ ପାତ୍ର। ଏମାନଙ୍କ ନିକଟରୁ ପୋଲିସ ୧୦ଗୋଟି ଏଲ୍‌ପିଜି ଗ୍ୟାସ୍ ସିଲିଣ୍ଡର, ଚୋରିରେ ବ୍ୟବହୃତ ଓଆର୍‌୨୩ବି-୯୭୦୧ ମାରୁତି ଭ୍ୟାନ୍‌କୁ ଜବତ କରିଛି। ଗ୍ୟାସ୍ ସିଲିଣ୍ଡର୍ ଟ୍ରାନ୍ସପୋର୍ଟ ମାଲିକ ଦେବେନ୍ଦ୍ର ତିୱାରୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ସୋମବାର ଝାରସୁଗୁଡ଼ା ଟାଉନ ଥାନା କେସ୍ ନଂ.୪୧୧/୨୧ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ଏସ୍‌ପି ବିକାଶ ଚନ୍ଦ୍ର ଦାସ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଝାରସୁଗୁଡ଼ା ଓଏମ୍‌ପି ନିକଟ ଆଇଓସିଏଲ୍ ବଟଲିଂ ପ୍ଲାଣ୍ଟରୁ ଟ୍ରାନ୍ସପୋର୍ଟ ମାଧ୍ୟମରେ ବରଗଡ ଜିଲା ଅତାବିରାକୁ ଏକ ଗ୍ୟାସ୍ ବୋଝେଇ ଟ୍ରକ୍ ଯାଉଥିବାବେଳେ ପୋଲିସ୍ ଏହା ଉପରେ ନଜର ରଖିଥିଲା। ଟ୍ରକ୍ ଚାଳକ ରାସ୍ତାରେ ଗାଡ଼ି ଅଟକାଇ ୨ଟି ଗ୍ୟାସ୍ ଭର୍ତ୍ତି ସିଲିଣ୍ଡର ବାହାରକରି ସେହି ସ୍ଥାନରେ ପାଣିଭର୍ତ୍ତି ସିଲିଣ୍ଡର ବୋଝେଇ କରୁଥିବାବେଳେ ପୋଲିସ ତାଙ୍କୁ ଧରିଥିଲା। ଚାଳକଙ୍କୁ ପୋଲିସ ପଚରାଉଚରା କରିବାରୁ ସେ କହିଥିଲେ, ବେହେରାମାଲର ଗ୍ୟାସ୍ ବିକ୍ରେତା ମାନସଙ୍କୁ ସେ ସିଲିଣ୍ଡର ପିଛା ୫ଶହ ଟଙ୍କାରେ ବିକ୍ରି କରୁଥିଲେ। ଏହା ପରିବର୍ତ୍ତେ ମାନସଙ୍କ ନିକଟରୁ ପାଣିଭର୍ତ୍ତି ସିଲିଣ୍ଡର ଟ୍ରକ୍‌ରେ ବୋଝେଇ କରୁଥିଲେ। ପାଣିଭର୍ତ୍ତି ସିଲିଣ୍ଡର ଡିପୋରେ ଅନ୍‌ଲୋଡ୍ ହେଉଥିବାବେଳେ ଏହାକୁ ଡିଲର ଖାଉଟିଙ୍କୁ ବିତରଣ କରୁଥିଲେ। ଖାଉଟି ସିଲିଣ୍ଡରରେ ପାଣି ଥିବା ଜାଣି ଡିଲରଙ୍କ ନିକଟରେ ଅଭିଯୋଗ କରୁଥିଲେ। ଡିଲରଙ୍କ ଅଭିଯୋଗକ୍ରମେ ଆଇଓସିଏଲ୍ କମ୍ପାନୀ ଟ୍ରାନ୍ସପୋର୍ଟର ମାଲିକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଟ୍ରାନ୍ସପୋର୍ଟ ମାଲିକ ପୋଲିସକୁ ଜଣାଇଥିଲେ।



## କଳାହାଣ୍ଡି ବିଶ୍ୱବିଦ୍ୟାଳୟକୁ ୟୁଜିସି ମାନ୍ୟତା

ଭୁବନେଶ୍ୱର,୧୮।୮(ବ୍ୟୁରୋ): କଳାହାଣ୍ଡି ବିଶ୍ୱବିଦ୍ୟାଳୟକୁ ୟୁନିଭରସିଟି ଗ୍ରାଣ୍ଟ କମିଶନ (ୟୁଜିସି) ମାନ୍ୟତା ପ୍ରଦାନ କରାଯାଇଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏ ନେଇ ବୁଧବାର ଟୁଇଟ କରିଛନ୍ତି। ସେ କହିଛନ୍ତି, ଏହି ନିଷ୍ପତ୍ତି ଜନଜାତି ବହୁଳ ଅଞ୍ଚଳ କଳାହାଣ୍ଡି ଓ ଆଖପାଖ ଜିଲାର ଛାତ୍ରୀଛାତ୍ରଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବ। ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ଜାତୀୟ ଶିକ୍ଷା ନୀତି ଜରିଆରେ ଗୁଣାତ୍ମକ ଶିକ୍ଷା ଉପଲବ୍ଧ ହେବ ବୋଲି ସେ ଆଶା କରିଛନ୍ତି। ତଥ୍ୟ ପ୍ରଦାନ କଲେ ୟୁଜିସି ଅନୁଦାନ ପାଇବ। ଏହି ଆର୍ଥିକ ଅନୁଦାନ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମିକୁ ମଜଭୁତ କରିବା ସହ ଜିଲାର ଛାତ୍ରୀଛାତ୍ରଙ୍କ ସାମଗ୍ରିକ ବିକାଶ କ୍ଷେତ୍ରରେ ସହାୟକ ହେବ।

## ସ୍ୱଚ୍ଛତା, ବର୍ଜ୍ୟବସ୍ତୁ ସଂଗ୍ରହକୁ ଗୁରୁତ୍ୱ

ଖୋର୍ଦ୍ଧା ଅଫିସ,୧୮।୮: ଖୋର୍ଦ୍ଧା ଉପଜିଲାପାଳ ତଥା ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଆଇ.ଗୌରବ ଶିବାଜୀ ବୁଧବାର ୯ ଓ ୧୦ ନମ୍ବର ୱାର୍ଡ ବୁଲି ସ୍ୱଚ୍ଛତା ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରିତା ନେଇ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରିଥିଲେ। ଘରକୁ ଘର ବୁଲି ଅଳିଆ ସଂଗ୍ରହ, ଡ୍ରେନେଜ ସଫା ଉପରେ ଗୁରୁତ୍ୱ ଦେଇଥିଲେ। ସ୍ୱଚ୍ଛ ସାଥି ଏବଂ ୱାର୍ଡ ଅଫିସରମାନଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଥିଲେ। ସାହି ସ୍ୱଚ୍ଛ ରଖିବା ସହ ଦୈନିକ ଘରୋଇ ଆବର୍ଜନା ଏବଂ ଶନିବାର ଇ-ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ପରାମର୍ଶ ଦେଇଥିଲେ। ଓଦା ଏବଂ ଶୁଖିଲା ବର୍ଜ୍ୟବସ୍ତୁ ଅଲଗା ସଂଗ୍ରହ କରିବାକୁ କହିଥିଲେ।



## ସଂକ୍ଷେପରେ

### ୧୪ଖଣ୍ଡ ଲୁହା ପ୍ଲେଟ୍ ଜବତ, ୨ ଗିରଫ

ଯାଁଳା,୧୮।୮(ଡି.ଏନ୍.ଏ.): ଇନ୍‌ଫୋସିଟି ଇଡ୍‌କୋ ରାସ୍ତାରୁ ଏକ ବିଦ୍ୟୁତ୍‌ଖୁଣ୍ଟରେ ଲାଗିଥିବା ଲୁହା ପ୍ଲେଟ ଚୋରି ଅଭିଯୋଗରେ ବୁଧବାର ଯାଁଳା ଫାଣ୍ଡି ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଜଟଣୀ ଥାନା ଅନ୍ତର୍ଗତ ଛତାବର ପଞ୍ଚାୟତ ଗୌଡ଼ କାଶିପୁର ଗ୍ରାମର ସାଗର ନାୟକ ଓ ପ୍ରଶାନ୍ତ ବେହେରା। ପୋଲିସ ସେମାନଙ୍କ ନିକଟରୁ ୧୪ ଖଣ୍ଡ ଲୁହା ପ୍ଲେଟ ଜବତ କରିଛି। ଅପରାହ୍ନ ସମୟରେ ଦୁଇ ଦୁର୍ବୃତ୍ତ ଇନ୍‌ଫୋସିଟି ଦୁଇ ଅଞ୍ଚଳରେ ଥିବା ବିଦ୍ୟୁତ ଖୁଣ୍ଟଗୁଡ଼ିକରେ ଲାଗିଥିବା ଲୁହା ପ୍ଲେଟ ଚୋରି କରୁଥିଲେ। ଏହି ସମୟରେ ଇଡ୍‌କୋ ଅଧିକାରୀଙ୍କ ହାବୁଡ଼ରେ ସେମାନେ ପଡ଼ିଥିଲେ। ଖବରପାଇ ଯାଁଳା ଫାଣ୍ଡି ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଦୁଇ ଚୋରଙ୍କୁ ଗିରଫ କରିଛନ୍ତି। ସେମାନେ ପ୍ରାୟ ୨୫ଟି ପ୍ଲେଟ ଚୋରି କରିଥିବା ସ୍ୱୀକାର କରିଛନ୍ତି। କିନ୍ତୁ ପୁଲିସ ୧୪ଟି ପ୍ଲେଟ ଜବତ କରିଛି।

### ଡିଜେଲ ଟ୍ୟାଙ୍କରକୁ ଧକ୍କା ଦେଲା ଟ୍ରକ୍

ନିରାକାରପୁର,୧୮।୮(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ଗୋଲବାଇ ଓ ମୋଟା ଛକ ମଧବର୍ତ୍ତୀ ଅଞ୍ଚଳରେ ବୁଧବାର ସାଢେ ୧୨ଟା ସମୟରେ ଏକ ଦୁର୍ଘଟଣାଘଟି ୨ଜଣ ଆହତ ହୋଇଛନ୍ତି। ଜଙ୍କିଆ ପୋଲିସଙ୍କ ସୂଚନା ଅନୁଯାୟୀ, ନାଗାଲାଣ୍ଡର ଗୋଟିଏ ତେଲ ଟ୍ୟାଙ୍କର ଏନ୍ ଏଲ୍ -୦୧ଏଆଇ-୧୨୪୫ ରାସ୍ତାକଡରେ ଥୁଆ ହୋଇଥିଲା। ଏହି ସମୟରେ ରାମେଶ୍ୱର ଛକ ପଟୁ ଓଆର-୦୪-ଏଲ୍-୦୩୪୫ଏକ ଟ୍ରକ ଯାଇ ଟ୍ୟାଙ୍କର ପଛପଟୁ ଧକ୍କା ଦେଇଥିଲା। ଫଳରେ ଟ୍ରକ୍‌ଟି ଚୁରମାର ହେବା ସହିତ ଚାଳକ ଓ ହେଲପର ଗୁରୁତର ହୋଇଛନ୍ତି। ପୋଲିସ ପହଞ୍ଚି ଗାଡ଼ିରେ ଫସିରହିଥିବା ହେଲପରକୁ ବାହରକୁ ଆଣି ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ମେଡିକାଲକୁ ପଠାଯାଇଛି।

### ମଦ ଜବତ, ୩ ଗିରଫ

ବାଲୁଗାଁ,୧୮।୮(ଡି.ଏନ୍.ଏ.): ବାଲୁଗାଁ ଓ ଟାଙ୍ଗୀ ଅବକାରୀ ବିଭାଗ ଏବଂ ବାଣପୁର ପୋଲିସ ମିଳିତ ଭାବେ ବୁଧବାର ଚନ୍ଦ୍ରାପୁଟ, ଦଣ୍ଡିଗାଡ଼ିଆ ଓ ପାଟପୁର ଅଞ୍ଚଳରେ ଚଢ଼ାଉ କରି ବେଆଇନ ଭାବେ ବିକ୍ରି ହେଉଥିବା ୧୨୬ଲିଟର ଦେଶୀ ମଦ ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଦଣ୍ଡିଗାଡିଆର କୈଳାସ ଦଳେଇ, ପାଟପୁର ଗ୍ରାମର ନୀଳକଣ୍ଠ ନାୟକ ଓ ଚନ୍ଦ୍ରାପୁଟ ଗ୍ରାମର ମିନତୀ ଜାଲି। ଏ ନେଇ ପୃଥକ ୩ଟି ମାମଲା ମାମଲା ରୁଜୁ ହୋଇଛି। ଚଢ଼ାଉରେ ଟାଙ୍ଗୀ ଅବକାରୀ ନିରୀକ୍ଷକ ଆଲୋକ ପ୍ରଧାନ, ବାଲୁଗାଁ ଅବକାରୀ ଉପନିରୀକ୍ଷକ ମନୋଜ ବାରିକ ଓ ପୋଲିସ ସାମିଲ ଥିଲେ।

### ପ୍ରସନ୍ନ ସୌରଭ ଲୋକାର୍ପିତ

ପୁରୀ ଅଫିସ, ୧୮।୮:ସାରସ୍ୱତ ସାଧକ ତଥା ସମବାୟବିତ୍ ପ୍ରସନ୍ନ କୁମାର ମିଶ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ନବକଳେବର ରୋଡସ୍ଥିତ ତାଙ୍କ ବାସଭବନରେ ବୁଧବାର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ସଂସଦ ପକ୍ଷରୁ ସଙ୍ଗଠକ ମହେନ୍ଦ୍ର ବିଶୋଇଙ୍କ ସଂଯୋଜନାରେ ଆୟୋଜିତ ସଭାରେ କବି ମାନସ ରଞ୍ଜନ ମହାପାତ୍ର, ଶୈଳବାଳା ମହାପାତ୍ର, ବୀରେନ୍ଦ୍ର ମହାନ୍ତି, ଶ୍ୟାମ ପ୍ରକାଶ ସେନାପତି, କ୍ରିଷ୍ଣା ମହାପାତ୍ର, ବିପିନ ବିହାରୀ ଦଳାଇ, ପ୍ରକାଶ କୁମାର ରଥ, ଦେବାଶିଷ ଦାସ ଏବଂ ବଦ୍ରି ମଶ୍ର ପ୍ରମୁଖ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ପ୍ରସନ୍ନ ସୌରଭ ଲୋକାର୍ପିତ ହୋଇଥିଲା। ସ୍ମୃତି ସଂସଦର ସମ୍ପାଦକ ବିନାୟକ ମିଶ୍ର, ସର୍ବେଶ୍ୱର ନନ୍ଦ, ପଦ୍ମନାଭ ମିଶ୍ର ଏବଂ ଶାଶ୍ୱତୀ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ନୂତନ ଗୃହ ଉଦ୍‌ଘାଟିତ

ବ୍ରହ୍ମଗିରି,୧୮।୮(ଡି.ଏନ୍.ଏ.): ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ କ୍ଷେତାଣ୍ଡି ନୀଳକଣ୍ଠେଶ୍ୱର ବିଦ୍ୟାନିକେତନର ନୂତନ ଗୃହ ପ୍ରତିଷ୍ଠା ଉତ୍ସବ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏହି ସ୍କୁଲଟି ଗତ ପ୍ରଳୟଙ୍କାରୀ ଫନୀରେ କ୍ଷତିଗ୍ରସ୍ତ ହୋଇଥିଲା। ବିଧାୟକଙ୍କ ନଜରକୁ ଏହି ସମସ୍ୟା ଆସିବା ପରେ ୟୁନିଲାଇଟ ରିଇନ୍ସୁରାନ୍ସ ବ୍ରୋକର୍ସ ପ୍ରାଇଭେଟ ଲିମିଟେଡ଼ ସହଯୋଗରେ ଏହି ସ୍କୁଲର ପୁନରୁଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ କରାଇଛନ୍ତି। ଚାଳିଶ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବିନିମୟରେ ବିଦ୍ୟାଳୟରେ ନୂତନ ଶ୍ରେଣୀ ଗୃହଠାରୁ ଆରମ୍ଭ କରି ଶୌଚାଳୟ ଏବଂ ବେଞ୍ଚ, ଡେସ୍କ ସମେତ ସମସ୍ତ ଆନୁସଙ୍ଗିକ ଶିକ୍ଷା ସାମଗ୍ରୀ ବ୍ୟବସ୍ଥା କରାଯାଇଛି। ଏହି ଉତ୍ସବରେ ଅନ୍ୟାନ୍ୟ ଅତିଥିଭାବେ ବିଶ୍ୱଜିତ ମହାନ୍ତି ଏବଂ ଉକ୍ତ ବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଜନପ୍ରତିନିଧି ଉପସ୍ଥିତ ଥିଲେ ।

# ବିପଦସଙ୍କୁଳ କୋଠାରେ ପାଠପଢ଼ା

ଖୋର୍ଦ୍ଧା ଅଫିସ,୧୮।୮




■ ଖାଲି ପଡ଼ିଛି ଶିକ୍ଷକ ପଦବୀ
■ ଆନ୍ଦୋଳନ ପାଇଁ ଅଭିଭାବକଙ୍କ ଧମକ

ବିଦ୍ୟାଳୟ ଖୋଲିବା ପରେ ଏବେ ଉଭୟ ଅନ୍‌ଲାଇନ ଏବଂ ଅଫ୍‌ଲାଇନରେ ପିଲାଙ୍କ ପାଠପଢା ଚାଲିଛି। ଜୁଲାଇ ୨୬ରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ଏବଂ ଅଗଷ୍ଟ ୧୬ରୁ ନବମ ଓ ଏକାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଠପଢା ଆରମ୍ଭ ହୋଇଛି। ଦୀର୍ଘ ମାସ ପରେ ସ୍କୁଲ ଖୋଲିଥିବାରୁ ପିଲାଙ୍କ ମଧ୍ୟରେ ଉତ୍ସାହ ରହିଛି। ଶିକ୍ଷାର ଗୁଣାତ୍ମକ ବିକାଶ, ଭିତ୍ତିଭୂମି ସଜାଡ଼ିବା ପାଇଁ ସରକାର 'ମୋ ସ୍କୁଲ' ଏବଂ ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଶିକ୍ଷାର ପ୍ରଗତି ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଘୋଷଣା କରୁଛନ୍ତି। ହେଲେ ବାସ୍ତବ ଚିତ୍ର ଭିନ୍ନ। ଖୋର୍ଦ୍ଧା ଜିଲାର ଅନେକ ହାଇସ୍କୁଲରେ ଶିକ୍ଷକ ପଦବୀ ଖାଲିପଡ଼ିଛି। ଫଳରେ ଶିକ୍ଷାଦାନ ବ୍ୟାହତ ହେଉଛି। ଜିଲା ସଦର ମହକୁମା ଠାରୁ ମାତ୍ର ୧୦କିମି ଦୂରରେ ରହିଛି ବାଘମାରୀ ରଘୁନାଥଦେବ ଉଚ୍ଚ ବିଦ୍ୟାଳୟ। ୧୯୮୦ରେ ସ୍ଥାପିତ ଏହି ବିଦ୍ୟାଳୟରେ ୪ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବିପଦସଙ୍କୁଳ କୋଠାରେ ପାଠପଢା ଚାଲିଛି। ୧୦ରୁ ଊର୍ଦ୍ଧ୍ୱ କୋଠରୀ ଜରାଜୀର୍ଣ୍ଣ ହୋଇପଡ଼ିଛି। କେତେବେଳେ ଯେ ଭୁଶୁଡ଼ିବ କହି ହେବନି। ଗଣିତ, ବିଜ୍ଞାନ, ସଂସ୍କୃତ ଓ ଖେଳ ଶିକ୍ଷକ ନାହାନ୍ତି। ବର୍ତ୍ତମାନ ୯ମ ଓ ୧୦ମ ଶ୍ରେଣୀ ପିଲା ସ୍କୁଲକୁ ଆସୁଛନ୍ତି। ଦୈନିକ ୫ଟି ପିରିୟଡ ଥିବା ବେଳେ ଶିକ୍ଷକ ଅଭାବରୁ ୩ଟି ପିରିୟଡ ହେଉଥିବା ଛାତ୍ରୀଛାତ୍ର କହିଛନ୍ତି। ଡେପୁଟେଶନରେ ଥିବା ପ୍ରାଥମିକ ସ୍କୁଲ ଶିକ୍ଷକ ଆସି ପଢ଼ାଉଛନ୍ତି। ସେପ୍ଟେମ୍ବରରେ ପିଲାଙ୍କ ପରୀକ୍ଷା ରହିଛି। ବର୍ତ୍ତମାନ ସୁଦ୍ଧା ପାଠପଢା ଅଧା ହୋଇ ନ ଥିବା ଛାତ୍ରୀଛାତ୍ର କହିଛନ୍ତି। ତେଣୁ ସେମାନେ କିପରି ପରୀକ୍ଷା ଦେବେ ସେ ନେଇ ଚିନ୍ତାରେ ପଡ଼ିଲେଣି। ଏନେଇ ଗ୍ରାମର ସାମାଜିକ କର୍ମୀ ସନ୍ତୋଷ ପଣ୍ଡା କହିଛନ୍ତି, ବିଦ୍ୟାଳୟର ଅବ୍ୟବସ୍ଥା ସମ୍ପର୍କରେ ଜିଲା ପ୍ରଶାସନଠାରୁ ଗଣଶିକ୍ଷା ବିଭାଗ, ମୁଖ୍ୟମନ୍ତ୍ରୀ, ରାଜ୍ୟପାଳଙ୍କ ନିକଟକୁ ଅଭିଯୋଗପତ୍ର ପଠାଇଛି। ଏପରି କି ବିପଦସଙ୍କୁଳ କୋଠାରେ ପାଠପଢା ସମ୍ପର୍କରେ ରାଜ୍ୟ ଶିଶୁ ଅଧିକାର ଓ ସୁରକ୍ଷା ଆୟୋଗଙ୍କ ନିକଟରେ ଅଭିଯୋଗ କରିଛି। ଏନେଇ ଆୟୋଗ ଜିଲା ପ୍ରଶାସନ ଏବଂ ଜିଲା ଶିକ୍ଷା ବିଭାଗକୁ ରିପୋର୍ଟ ମାଗିଥିଲେ। ମାତ୍ର ପରେ ଆଉ କୌଣସି ପଦକ୍ଷେପ ନିଆଯାଇନାହିଁ। ଶିକ୍ଷକ ପଦବୀ ପୂରଣ ଓ ବିଦ୍ୟାଳୟ କୋଠା ମରାମତି କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ଅଭିଭାବକମାନେ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଜିଲା ଶିକ୍ଷାଧିକାରୀ ବନ୍ଦନା ମହାପାତ୍ର କହିଛନ୍ତି, ସମ୍ପ୍ରତି କରୋନା ସମୟରେ ପିଲା କିପରି ସୁସ୍ଥ ଓ ସୁରକ୍ଷିତ ଭାବେ ଶିକ୍ଷା ଗ୍ରହଣ କରିବେ ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ଅନ୍ୟ ବିଦ୍ୟାଳୟରୁ ଶିକ୍ଷକଙ୍କୁ ଡେପୁଟେଶନରେ ପଠାଯାଇ ପଦବୀ ଖାଲିପଡ଼ିଥିବା ବିଦ୍ୟାଳୟରେ ଶିକ୍ଷାଦାନ ଲାଗି ବ୍ୟବସ୍ଥା କରାଯାଉଛି।

# ସେପ୍ଟେମ୍ବର ପହିଲାରୁ ଖୋଲିବ ଲିଙ୍ଗରାଜ ମନ୍ଦିର

ପୁରୁଣା ଭୁବନେଶ୍ୱର, ୧୮।୮(ଡି.ଏନ୍.ଏ.)



କୋଭିଡ୍ ୨ୟ ଲହର ଯୋଗୁ ଗତ ୩ମାସରୁ ଊର୍ଦ୍ଧ୍ୱ ବନ୍ଦ ରହିଥିବା ଶ୍ରୀଲିଙ୍ଗରାଜ ମନ୍ଦିର ଆସନ୍ତା ସେପ୍ଟେମ୍ବର ପହିଲାରୁ ଶ୍ରଦ୍ଧାଳୁଙ୍କ ଦର୍ଶନ ନିମନ୍ତେ ଖୋଲିବ। ବୁଧବାର ଅନୁଷ୍ଠିତ ଟ୍ରଷ୍ଟ ବୋର୍ଡ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। କୋଭିଡ୍ କଟକଣା ମଧ୍ୟରେ ମନ୍ଦିର ଖୋଲିବ। ଭକ୍ତମାନେ ଗର୍ଭଗୃହକୁ ପ୍ରବେଶ କରିପାରିବେ ନାହିଁ। ଆଡ଼କାଠ ନିକଟରୁ ଠାକୁରଙ୍କୁ ଦର୍ଶନ କରିବା ପାଇଁ ସୁଯୋଗ ଦିଆଯିବ। ସ୍ଥାନୀୟ ସର୍କିଟ ହାଉସଠାରେ ଖୋର୍ଦ୍ଧା ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାସ୍ତରୀୟ ଅଧିକାରୀ, ଦେବୋତ୍ତର କମିଶନର, ଶ୍ରୀଲିଙ୍ଗରାଜ କମିଟିର କାର୍ଯ୍ୟନିର୍ବାହୀ ଅଧିକାରୀ, ବିଭିନ୍ନ ନିଯୋଗର ସଦସ୍ୟ ଯୋଗ ଦେଇଥିଲେ। ସୋଆ ୟୁନିଭର୍ସିଟି ତରଫରୁ ନୂତନ ବିମାନ ଓ ପାଳିଙ୍କି ଏବଂ ପଣ୍ଡା ଇନ୍‌ଫ୍ରାଷ୍ଟ୍ରକ୍ଚର ତରଫରୁ ଦକ୍ଷିଣ ଘର ନୂତନ ଭାବେ ଯୋଗାଇ ଦିଆଯିବ ବୋଲି ସୂଚନା ଦିଆଯାଇଛି। ସାମନ୍ତରାପୁର ନିକଟରେ ବିଭିନ୍ନ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଦଖଲରେ ଥିବା ଜମି ଓ କୁଡୁଆ ସମ୍ପତ୍ତିର ପୁନରୁଦ୍ଧାର ପାଇଁ ଦିଆଯାଇଥିବା ପ୍ରସ୍ତାବ ଉପରେ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

# ଚୁକ୍ତିଭିତ୍ତିକ ସଫେଇ କର୍ମଚାରୀଙ୍କୁ ନିଯୁକ୍ତି ଦାବି

ଖୋର୍ଦ୍ଧା ଅଫିସ,୧୮।୮

ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ସଫେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦାବିରେ ଚୁକ୍ତିଭିତ୍ତିକ ଠିକା ସଫେଇ କର୍ମଚାରୀ ସଂଘ ବୁଧବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛି। ସଂଘ ସଭାପତି ମୋହନ ନାୟକଙ୍କ ନେତୃତ୍ୱରେ ଏହି ଦାବିପତ୍ର ଦିଆଯାଇଛି।

ଏଥିରେ ଦର୍ଶାଯାଇଛି, ଏକ ଠିକା ସଂସ୍ଥା ଅଧୀନରେ ଏକାଧିକ ଚୁକ୍ତିଭିତ୍ତିକ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ତେବେ ଆବଶ୍ୟକତାଠାରୁ କମ୍ ସଂଖ୍ୟକ କର୍ମଚାରୀଙ୍କୁ କାମରେ ନିୟୋଜିତ କରି ଅଧିକ ସମୟ କାମ କରିବାକୁ ବାଧ କରାଯାଉଛି। ମାସିକ ପ୍ରାପ୍ୟ ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି। ଏହାର ପ୍ରତିବାଦ କରିବାରୁ ଏନ୍‌ଏସିରେ କାର୍ଯ୍ୟରତ ଜନୈକ କର୍ମଚାରୀ ଗାଳିଗୁଲଜ କରିବା ସହ ହଇରାଣ କରୁଛନ୍ତି। ଏ ନେଇ ସଂଘ ପକ୍ଷରୁ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଥାନାରେ ଏତଲା ଦିଆଯାଇଛି। ଫଳରେ ସେ ପ୍ରତିଶୋଧ ପରାୟଣ ହୋଇ ସଫେଇ କର୍ମଚାରୀଙ୍କୁ କାର୍ଯ୍ୟରୁ ଛଟେଇ କରିଦେଇଛନ୍ତି। କରୋନା ସମୟରେ କାର୍ଯ୍ୟରୁ ଛଟେଇ ହୋଇ କର୍ମଚାରୀ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ତେଣୁ ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତ ପ୍ରଦାନ ସହ ଘଟଣାର ନିରପେକ୍ଷ ତଦନ୍ତ ଲାଗି ଦାବି କରାଯାଇଛି।




ବିଷୁବ ମିଳନ ଉତ୍ସବରେ ଯୋଗଦେଇଥିବା ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ।

# 'କଳା, ସଂସ୍କୃତି ଓ ସାହିତ୍ୟ ଉତ୍କଳକୁ ସମୃଦ୍ଧ କରିଛି'

ଖୋର୍ଦ୍ଧା ଅଫିସ,୧୮।୮

**କୈଳାସ ପଣ୍ଡାଙ୍କୁ ବିଷୁବ ସମ୍ମାନ**

ଖୋର୍ଦ୍ଧା ବିଷୁବ ମିଳନ ଉତ୍ସବ ସମ୍ମାନ ସମ୍ବର୍ଦ୍ଧନା ଉତ୍ସବ ବୁଧବାର ଅଞ୍ଜୁଶ୍ରୀ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ସତ୍ୟବାଦୀ ବଳିୟାରସିଂ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ପ୍ରଫେସର ନାରାୟଣ ରାଓ, ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଔପନ୍ୟାସିକ ଡ. ପଦ୍ମଜ ପାଳ, ଡ. ସୁରେଶ ଚନ୍ଦ୍ର ଛୋଟରାୟ, ରବିନାରାୟଣ ଦାସ, ତ୍ରିଲୋଚନ ଦାସ, ନିଶିକାନ୍ତ କହଲସିଂ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ଜ୍ଞାନରଞ୍ଜନ ଦାଶ ସ୍ୱାଗତ ଭାଷଣ ଦେଇଥିଲେ।

କଳା, ସାହିତ୍ୟ ଓ ସଂସ୍କୃତି ଉତ୍କଳୀୟ ଭାବକୁ ସମୃଦ୍ଧ କରିଛି ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଗାଳ୍ପିକ କୈଳାଶ ଚନ୍ଦ୍ର ପଣ୍ଡାଙ୍କୁ ବିଷୁବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ଶିକ୍ଷାବିତ୍ ସୁନିଲ ମିଶ୍ରଙ୍କୁ ଜ୍ଞାନଜ୍ୟୋତି, ସଙ୍ଗୀତଜ୍ଞ ବସନ୍ତ ମିଶ୍ରଙ୍କୁ କଳାଜ୍ୟୋତି, ପ୍ରାବନ୍ଧିକ ପବନି ଜେନାଙ୍କୁ ଅନୁଭବ ସମ୍ମାନ, ଶିକ୍ଷାବିତ୍ ରବିନ୍ଦ୍ର ନାଥ ପ୍ରଧାନଙ୍କୁ ବିଜୟଲକ୍ଷ୍ମୀ ଦୁର୍ଗାଚରଣ ସମ୍ମାନ, ଲେଖକ ବିଧୁଭୂଷଣ ପଟ୍ଟନାୟକଙ୍କୁ ସତ୍ୟବାଦୀ ସମ୍ମାନ, ଖବରଦାତା ଲୋହିତ ନାରାୟଣ ମହାପାତ୍ରଙ୍କୁ ଗଣମାଧ୍ୟମ ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ଭାଜପାର ଗ୍ରାମୀଣ ମଣ୍ଡଳ ସମାବେଶ

ପିପିଲି/ନିମାପଡ଼ା, ୧୮।୮(ସ୍ୱ.ପ୍ର./ଡି.ଏନ୍.ଏ.)

ପିପିଲି ଭାଜପାର କୌଶଲ୍ୟାଗଙ୍ଗ ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ ଗୁଡ଼ିଆପୋଖରୀ ରୁକ୍ମିଣୀ ମଣ୍ଡପରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ପର୍ଶୁରାମ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଉପସଭାନେତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ, ଜିଲା ସାଧାରଣ ସମ୍ପାଦକ ଜନ୍ମେଜୟ ଜେନା, ଅଜୟ ପ୍ରଧାନ, ସୁବୋଧ ମହାନ୍ତି, ଉକ୍ତ ମଣ୍ଡଳ ପ୍ରଭାରୀ ଭାସ୍କର ମିଶ୍ର, ଦୟାନିଧି ପାତ୍ର ଓ କୁନି ଦାଶ ପ୍ରମୁଖ ସମ୍ମାନିତ ଅତିଥି ଯୋଗଦେଇଥିଲେ। ଲକ୍ଷ୍ମୀନାରାୟଣପୁର ସରପଞ୍ଚ ଶୁଭାଶିଷ ରଥ ଏକ ଚିଠା ପ୍ରସ୍ତାବ ଆଗତ କରିଥିଲେ। ପରେ ନିମାପଡ଼ା ଭାଜପା ଗ୍ରାମୀଣ ମଣ୍ଡଳ ପକ୍ଷରୁ ଏକ କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ବ୍ଲକର ଏକ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମଣ୍ଡଳ ସଭାପତି ମାନସ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଜିଲା ସଭାପତି, ଉପସଭାପତି, ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଓଝା ଉପସ୍ଥିତ ଥିଲେ। ଝିଲିଲତା ଦାସ ଚିଠା ପ୍ରସ୍ତାବ ଆଗତ କରିଥିଲେ।

# ଜଟଣୀରୁ ପୌର ନିର୍ବାଚନ ରଣନୀତି ଆରମ୍ଭ




କାର୍ଯ୍ୟକର୍ତ୍ତା ବୈଠକରେ ଉପସ୍ଥିତ ବିଜେଡିର ବରିଷ୍ଠ ନେତାମାନେ।

ଜଟଣୀ,୧୮।୮(ଡି.ଏନ୍.ଏ.)

ରାଜ୍ୟ ସରକାର ପୌର ଓ ପଞ୍ଚାୟତ ନିର୍ବାଚନ ନିମନ୍ତେ ସବୁଜ ସଙ୍କେତ ଦେବା ପରେ ରାଜ୍ୟରେ ରାଜନୈତିକ ଉତ୍ତପ୍ତତା ବଢ଼ିଚାଲିଛି। ଏହି ପରିପ୍ରେକ୍ଷୀରେ ବୁଧବାର ଖୋର୍ଦ୍ଧା ଜିଲା ବିଜେଡି ପକ୍ଷରୁ ଦଳ ସଙ୍ଗଠନକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଜଟଣୀ ସହରରେ ନିର୍ବାଚନ ମଣ୍ଡଳୀସ୍ତରୀୟ କାର୍ଯ୍ୟକର୍ତ୍ତା ବୈଠକ ଜଟଣୀ ଅଗ୍ରୱାଲ ଧର୍ମଶାଳା ପରିସରରେ ଆୟୋଜିତ ହୋଇଯାଇଛି। ଆଗାମୀ ପୌର ନିର୍ବାଚନରେ ପ୍ରଥମ ଥର ଭୋଟର ସିଧାସଳଖ ଅଧ୍ୟକ୍ଷ ଚୟନ କରିବା ଏକ ପ୍ରକାର ନିଶ୍ଚିତ ଥିବା ସମୟରେ ପୌର ନିର୍ବାଚନକୁ ଆଖୀ ଆଗରେ ରଖି ବିଜେଡି ତାର ଗୋଟି ଚାଳନା ଆରମ୍ଭ କରିଛି । ଦଳ ବିଭିନ୍ନ ରଣକୌଶଳ ଆପଣାଇ ବିଭିନ୍ନ ଦଳୀୟ ଅସନ୍ତୁଷ୍ଟଙ୍କୁ ନିଜ ଦଳରେ ସାମିଲକରି ଦଳକୁ ମଜଭୁତ କରାଯାଉଛି। ବୈଠକରେ ଜିଲା ବିଜେଡି ପର୍ଯ୍ୟବେକ୍ଷକ ପ୍ରମିଳା ମଲ୍ଲିକ ଯୋଗଦେଇ କହିଥିଲେ, ମଣ୍ଡଳସ୍ତରୀୟରୁ କାର୍ଯ୍ୟକର୍ତ୍ତା ବୈଠକ ଆରମ୍ଭ ହୋଇ ଜୋନ୍‌ୱାରି, ପଞ୍ଚାୟତୱାରି ଏବଂ ୱାର୍ଡ ସ୍ତରରେ ବୈଠକ କରି ରାଜ୍ୟ ସରକାରଙ୍କ ସମସ୍ତ ଜନହିତକାରୀ ଯୋଜନା ଭୋଟରଙ୍କ ପାଖକୁ ପହଞ୍ଚାଇବାକୁ ପ୍ରାଥମିକତା ପ୍ରଦାନ କରାଯିବ। ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପ୍ରଶାନ୍ତ ଜଗଦେବ ଜଟଣୀ ନିର୍ବାଚନ ମଣ୍ଡଳୀରେ ବିଜେଡି ସ୍ଥିତି ମଜଭୁତ କରିବା ପାଇଁ ଜିଲା ସଭାପତିଙ୍କୁ ଦଳ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ କରାଯାଉଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସଭାପତି ବିଭୂତି ବଳବନ୍ତରାୟ, ବିଭୂତିଭୂଷଣ ବଳବନ୍ତରାୟ, ଜିଲା ବିଜେଡି ଉପଦେଷ୍ଟା ସନ୍ତୋଷ ଜେନା, ରାଜ୍ୟସଭା ସଦସ୍ୟ ମୁନ୍ନା ଖାନ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଦଳେଇ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ଅରୂପ ପଟ୍ଟନାୟକ, ଗୀତା ପାଟ୍ଟଶାଣୀ, ବାସନ୍ତୀ ମହାପାତ୍ର, ରାମଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ସ୍ମୃତିସଭାରେ ଛାତ୍ରୀଙ୍କ ସଞ୍ଚିତ ଅର୍ଥ ଦାନ

ବାଣପୁର,୧୮।୮(ଡି.ଏନ୍.ଏ.)

**ପରିବାର ସଦସ୍ୟଙ୍କ ମହତ୍ କାର୍ଯ୍ୟ**

ବାଣପୁର ଅଞ୍ଚଳର ଜଣେ ଛାତ୍ରୀଙ୍କ ସଞ୍ଚିତ ଅର୍ଥକୁ ତାଙ୍କ ମୃତ୍ୟୁ ପରେ ପଢୁଥିବା ବିଦ୍ୟାଳୟର ସର୍ବୋତ୍ତମ ବିଦ୍ୟାର୍ଥୀଙ୍କୁ ଦାନ କରି ଛାତ୍ରୀଙ୍କ ମାତାପିତା ମହାନୀୟତା ଦେଖାଇଛନ୍ତି। ଉକ୍ତ ଛାତ୍ରୀଙ୍କ ମାତାପିତାଙ୍କ ଏଭଳି କାର୍ଯ୍ୟକୁ ଦେଖି ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ସାଧୁବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ, ବାଣପୁର ଲଡୁକିଶୋର ବିଦ୍ୟାମନ୍ଦିରରେ ସୁପ୍ରଭା ସାହୁ ପାଠ ପଢୁଥିବା ସମୟରେ ବାପା ଓ ମାଆଙ୍କଠାରୁ ଖର୍ଚ୍ଚ ପାଇଁ ଆଣୁଥିବା ଅର୍ଥ ସଞ୍ଚୟ କରି ରଖୁଥିଲେ। ତେବେ ହଠାତ୍ ଦିନେ ତାଙ୍କର ହୃଦ୍‌ଘାତରେ ପରଲୋକ ହୋଇଥିଲା। ତାଙ୍କର ସେହି ସଞ୍ଚିତ ଅର୍ଥକୁ ଦଶମ ଶ୍ରେଣୀରେ ସର୍ବୋତ୍ତମ ନମ୍ବର ରଖିଥିବା ବିଦ୍ୟାର୍ଥୀଙ୍କୁ ପ୍ରଦାନ କରିବା ନିମନ୍ତେ ଦିବଙ୍ଗତ ଛାତ୍ରୀଙ୍କ ମାଆବାପା ନିଷ୍ପତ୍ତି ନେଇଥିଲେ। ଏହି ଉଦ୍ଦେଶ୍ୟରେ ବିଦ୍ୟାମନ୍ଦିର ପରିସରରେ ପ୍ରଧାନ ଆଚାର୍ଯ୍ୟ ଗଦାଧର ଦଳବେହେରାଙ୍କ ଅଧ୍ୟକ୍ଷତାରେ ସ୍ୱର୍ଗତ ଛାତ୍ରୀ ସୁପ୍ରଭା ସାହୁଙ୍କ ସ୍ମୃତିଚାରଣ ସଭା ଆୟୋଜନ କରାଯାଇଥିଲା। ଆୟୋଜିତ ସଭାରେ ଅତିଥିଭାବେ ଛାତ୍ରୀଙ୍କ ପିତା ସୁରେନ୍ଦ୍ର କୁମାର ସାହୁ, ମା' ପ୍ରବୀଣା ସାହୁ ଯୋଗଦେଇ ଝିଅର ସ୍ମୃତି ରଖିବା ନିମନ୍ତେ ସ୍କୁଲର ପ୍ରଧାନ ଆଚାର୍ଯ୍ୟଙ୍କୁ ତାହାର ସଞ୍ଚିତ ୧୦ ହଜାର ଟଙ୍କା ଫିକ୍ସ ଡିପୋଜିଟ୍ ନିମନ୍ତେ ପ୍ରଦାନ କରିଥିଲେ। ଏହି ସ୍ମୃତିଚାରଣ ସଭାରେ ଅନ୍ୟ ଗୁରଜୀ ଓ ଗୁରୁମାଙ୍କ ମଧ୍ୟରେ ସୁକାନ୍ତ ଜେନା, ସୁକାନ୍ତି ମହାପାତ୍ର, ଲଳିତ ସ୍ୱାଇଁ, ଦେବରାଜ ମିଶ୍ର, ସୁରେଶ ନାୟକ, ଆରତୀ ରଥ, ବାସନ୍ତି ମିଶ୍ର, ସୌମ୍ୟ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବାଲୁଗାଁ ଭାଜପା ନଗରମଣ୍ଡଳର ବୈଠକ

ବାଲୁଗାଁ,୧୮।୮(ଡି.ଏନ୍.ଏ.)

ବାଲୁଗାଁ ଅଶୋକନଗରସ୍ଥିତ ଉମାମହେଶ୍ୱର ବଣିକ ସଂଘ ସଭା ଗୃହଠାରେ ବୁଧବାର ଚିଲିକା ନିର୍ବାଚନ ମଣ୍ଡଳୀର ବାଲୁଗାଁ ଭାଜପା ନଗରମଣ୍ଡଳ ପକ୍ଷରୁ ଏକ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଅତିଥିଭାବେ ରାଷ୍ଟ୍ରୀୟ ପ୍ରବକ୍ତା ଓ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, ଖୋର୍ଦ୍ଧା ଜିଲା ଭାଜପା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ମହିଳା ମୋର୍ଚ୍ଚା ସଭାପତି ପ୍ରବୀଣା ଭଞ୍ଜଦେଓ, ଜିଲା ସାଧାରଣ ସମ୍ପାଦକ ଦୁଷ୍ମନ୍ତ ହରିଚନ୍ଦନ, ବାଲୁଗାଁ ନଗରମଣ୍ଡଳ ସଭାପତି ନିରଞ୍ଜନ ସେଠୀ ପ୍ରମୁଖ ଯୋଗଦେଇଥିଲେ।

# ତୃଣମୂଳ ସ୍ତରରେ ଦଳକୁ ଦୃଢ଼ କରାଯିବ

କୋଣାର୍କ,୧୮।୮(ଡି.ଏନ୍.ଏ.)

କୋଣାର୍କ ଯାତ୍ରୀନିବାସ ବାଙ୍କ୍ୱେଟ ହଲରେ ବିଜୁ ଜନତା ଦଳର ପରିବର୍ଦ୍ଧିତ ପୁରୀ ଜିଲା କାର୍ଯ୍ୟକାରିଣୀ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଜେଡି ପୁରୀ ଜିଲା ସଭାପତି ମହେଶ୍ୱର ମହାନ୍ତିଙ୍କ ସଭାପତିତ୍ୱରେ ଏହି ବୈଠକରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ରାଜ୍ୟ ଉପସଭାପତି ଦେବୀପ୍ରସାଦ ମିଶ୍ର, ଜିଲା ପର୍ଯ୍ୟବେକ୍ଷକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ସାଧାରଣ ସମ୍ପାଦକ ସତ୍ୟବ୍ରତ ପାତ୍ର, ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ମହିଳା ସଭାନେତ୍ରୀ ଶାନ୍ତିଲତା ପ୍ରଧାନ, ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷ ସ୍ୱାଧୀନ ନାୟକ, ଯୁବନେତା ରୁଦ୍ରପ୍ରତାପ ମହାରଥୀ, ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ ପ୍ରମୁଖ ଯୋଗଦେଇଥିଲେ। ତୃଣମୂଳ ସ୍ତରରୁ ଦଳକୁ ମଜଭୁତ କରିବା ପାଇଁ ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସଭାପତି ମହାନ୍ତି କହିଥିଲେ। ସଭାପତି ଗୋପାଳ ଚନ୍ଦ୍ର ବେହେରା, ପଦ୍ମଚରଣ ବେଉରା, ରାଜକିଶୋର ମହାପାତ୍ର, କୈଳାସ ଚନ୍ଦ୍ର ଲେଙ୍କା, ଜ୍ୟୋତିରଞ୍ଜନ ନାୟକ, ଶତ୍ରୁଜିତ ନାୟକ, ପୁଷ୍ପାରାଣୀ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।




ବିଜେଡିର କାର୍ଯ୍ୟକାରିଣୀ ବୈଠକରେ ବରିଷ୍ଠ ନେତା ଓ ମନ୍ତ୍ରୀମାନେ।

# ବଂଶୀଧରଙ୍କ ପାଇଁ ବହି ପାଲଟିଛି ବନ୍ଧୁ

ଖୋର୍ଦ୍ଧା ଅଫିସ,୧୮।୮

**ନିଜ ଚେଷ୍ଟାରେ ଗଢିଛନ୍ତି ପାଠାଗାର**
■ ରଖିଛନ୍ତି ୧୦ ହଜାରରୁ ଊର୍ଦ୍ଧ୍ୱ ପତ୍ରପତ୍ରିକା
■ ବହି ଅଜା ଭାବେ ସବୁଠି ପରିଚିତ

ଛାତ୍ର ଜୀବନରେ ସମସ୍ତଙ୍କର କିଛି ନା କିଛି ସ୍ୱପ୍ନ ଥାଏ। କେହି ବଡ଼ ହେଲେ ଆଇଏଏସ୍ କିମ୍ବା ଆଇପିଏସ୍ ଅଫିସର ତ ଆଉ କେହି ବୈଜ୍ଞାନିକ, ଡାକ୍ତର କିମ୍ବା ଇଞ୍ଜିନିୟର ହେବାକୁ ଇଚ୍ଛା ରଖିଥାନ୍ତି। କିନ୍ତୁ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଆରିକମା ଗ୍ରାମର ବଂଶୀଧର ପଣ୍ଡାଙ୍କର ସ୍ୱପ୍ନ ଥିଲା ସମ୍ପୂର୍ଣ୍ଣ ଭିନ୍ନ। ସେ ପଢାପ୍ରିୟ ଥିବାରୁ ନିଜ ଉଦ୍ୟମରେ ବଡ ପାଠାଗାର ଖୋଲିବା ସହ ସୁପରିଚିତ ପୁସ୍ତକ ସଂଗ୍ରାହକ ହେବାକୁ ସ୍ୱପ୍ନ ଦେଖିଥିଲେ। ଏହି ସ୍ୱପ୍ନ ବି ତାଙ୍କର ପୂରଣ ହୋଇଛି। ସେ ତାଙ୍କ ଗ୍ରାମରେ ନିଜ ଚେଷ୍ଟାରେ ପାଠାଗାର ପ୍ରତିଷ୍ଠା କରିଛନ୍ତି। ସେଠାରେ ୧୦ ହଜାରରୁ ଊର୍ଦ୍ଧ୍ୱ ବିଭିନ୍ନ ପୁସ୍ତକ ସାଇତି ରଖିଛନ୍ତି। ପିଲାଙ୍କଠାରୁ ବୃଦ୍ଧାବୃଦ୍ଧ ସଭିଏଁ ଏହି ପାଠାଗାରରେ ପତ୍ରପତ୍ରିକା ପଢିଥାନ୍ତି। ଏହି କାରଣରୁ ସ୍ଥାନୀୟ ଅଞ୍ଚଳରେ ସେ ପ୍ରିୟ 'ବହି ଅଜା' ଭାବେ ବେଶ୍ ପରିଚିତ। ତାଙ୍କର ଏଭଳି ନିଆରା ରୁଚି ଯୋଗୁ ସେ ଏବେ ଯୁବପିଢ଼ିଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ଅଯଥା ସମୟ ବରବାଦ୍ ନ କରି କିମ୍ବା ଟିଭି, ମୋବାଇଲ ଫୋନ୍‌ରେ ସମୟ ନ ବିତାଇ ବିଭିନ୍ନ ପତ୍ରପତ୍ରିକା ପଢିବାକୁ ସେ ପରାମର୍ଶ ଦେଇଥାନ୍ତି। କାରଣ ବହି ହିଁ ପ୍ରକୃତ ବନ୍ଧୁ ବୋଲି ସେ ବୁଝିଛନ୍ତି।



ବଂଶୀଧରଙ୍କ ପାଠାଗାର।



ଲେଖିବା ସମୟରେ ବଂଶୀଧର।

ପିଲାଦିନରୁ ପତ୍ରପତ୍ରିକା ପଢିବାରେ ବଂଶୀଧରଙ୍କର ବିଶେଷ ଆଗ୍ରହ ଥିଲା। ସମୟ ପାଇଲେ ସେ ବହି ଖଣ୍ଡେ ଧରି ବସିପଡୁଥିଲେ। ଯେଉଁଠୁ ଯାହା ବହି ପାଉଥିଲେ, ତାହାକୁ ସଂଗ୍ରହ କରି ରଖୁଥିଲେ। କ୍ରମେ ଏହା ତାଙ୍କ ନିଶାରେ ପରିଣତ ହୋଇଗଲା। ଏହି ନିଶା ତାଙ୍କୁ ପୁସ୍ତକ ସଂଗ୍ରାହକ ସଜାଇଛି। ୧୯୯୨ ମସିହାରୁ ପତ୍ର ପତ୍ରିକା ସଂଗ୍ରହରେ ଲାଗିପଡ଼ିଥିଲେ। ଘରେ ମୁଖଶାଳା ନାମକ ପାଠାଗାର ଖୋଲିଥିଲେ। ପାଠାଗାରରେ ସାହିତ୍ୟ, ବିଜ୍ଞାନ, ଏକାଙ୍କିକା, ଉପନ୍ୟାସ, ମହାପୁରୁଷଙ୍କ ଜୀବନୀ, ସାହିତ୍ୟ, କଳା, ସଂସ୍କୃତି, ଇତିହାସ ପୃଷ୍ଠଭୂମି ସମ୍ପର୍କିତ ପୁସ୍ତକ ରହିଛି। ବଂଶୀଧର ଜଣେ ଲେଖକ। ସେ ଅନେକ କବିତା, ଗଳ୍ପ ରଚନା କରିଛନ୍ତି। ଗ୍ରାମର ଛାତ୍ରୀଛାତ୍ର ଓ ଯୁବବର୍ଗ ବଂଶୀଧରଙ୍କ ପାଠାଗାର ଦ୍ୱାରା ଉପକୃତ ହୋଇପାରୁଛନ୍ତି। ଏଥିପାଇଁ ବଂଶୀଧରଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି।